ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ - ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହିଁ- ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। -ଶ୍ରୀମା

-ଋଷି ପଞ୍ଚମୀ, ଗୁରୁପଞ୍ଚମୀ ବ୍ରତ, ପଶ୍ଚିମ ଓଡ଼ିଶାରେ ନୂଆଖାଇ ପର୍ବ



# ଆର୍ଯ୍ୟ ଥିଲେ ବଣିକ



ଦେବଦତ୍ତ ପଟ୍ଟନାୟକ

ଔପନିବେଶୀ ଐତିହାସିକମାନେ ଏକ ସିଦ୍ଧାନ୍ତକୁ ଆଗେଇ ନେଇ ଯୁକ୍ତି ବାଢ଼ନ୍ତି ଯେ ଅଶ୍ୱାରୋହୀ ଗୋରବର୍ଣ୍ଣ ଲୋକେ( ଆର୍ଯ୍ୟ) ହରପ୍ପାର ସହରଗୁଡ଼ିକୁ ଧ୍ୱଂସକରି ଭାରତକୁ ଦଖଲ କରିଥିଲେ। ସେମାନେ ଭାରତର ମୂଳ ବାସିନ୍ଦା କଳାବର୍ଣ୍ଣର ଲୋକଙ୍କୁ ଦାସ ଭାବେ ରଖିଲେ। ଏହାକୁ ବିରୋଧ କରି ଅନ୍ୟ ଏକ ସିଦ୍ଧାନ୍ତରେ କୁହାଯାଇଛି ଯେ, ଆର୍ଯ୍ୟମାନେ ହେଉଛନ୍ତି ବାସ୍ତବରେ ଭାରତୀୟ ଏବଂ ସେମାନେ ଭାରତ ବାହାରକୁ ଯାଇ ବିଶ୍ୱର ବିଭିନ୍ନ ସ୍ଥାନରେ ସଭ୍ୟତା ଗଢ଼ିଛନ୍ତି। ଦେଖିବାକୁ ଗଲେ ଉଭୟ ସିଦ୍ଧାନ୍ତ ଭୁଲ। କେଉଁଥିବୁ ବିଷୟ ସେମାନଙ୍କୁ ଭାରତକୁ ଆସିବା କିମ୍ବା ଭାରତ ବାହାରକୁ ଯିବା ପାଇଁ ପ୍ରେରିତ କରିଥିଲା, ସେ ସମ୍ପର୍କରେ ଏହି ଦୁଇଟି ସିଦ୍ଧାନ୍ତରୁ କୌଣସି ଗୋଟିକରେ ବି ସ୍ପଷ୍ଟ କରାଯାଇନାହିଁ।

ଏବେ ସ୍ପଷ୍ଟ ଭାବେ ଜଣାପଡ଼ୁଛି, ଆର୍ଯ୍ୟମାନେ ଲୁହା ପାଇଁ ଭାରତ ଆସିଥିଲେ ଏବଂ ଏହା ବଦଳରେ ସେମାନେ ଘୋଡ଼ା ଦେଉଥିଲେ। ଆର୍ଯ୍ୟମାନେ ଆକ୍ରମଣକାରୀ କିମ୍ବା ପ୍ରବାସୀ ନ ଥିଲେ; ସେମାନେ ଥିଲେ ବ୍ୟବସାୟୀ। ଅନେକେ ବଣିକ ଓ ନାବିକଙ୍କ ଭଳି ସେମାନଙ୍କର ଭାରତୀୟ ପତ୍ନୀ ଥିଲେ, ଯାହା ଫଳରେ ସେମାନଙ୍କ ଜିନ୍, ଭାଷା (ସଂସ୍କୃତ) ଏବଂ ପୁରୁଷପ୍ରଧାନ ସଂସ୍କୃତିର ପ୍ରସାର ଘଟିଥିଲା। ହିନ୍ଦୁ ପୁରାଣରେ ବର୍ଣ୍ଣନା କରାଯାଇଛି, ଅଶ୍ୱମୁଖୀ ବିଷ୍ଣୁ ବେଦ ଉଦ୍ଧାର କରି ତାହାକୁ ସୁରକ୍ଷିତ ରଖିବା ସକାଶେ ବ୍ରାହ୍ମଣଙ୍କୁ ଦେଇଥିଲେ। ଏଣୁ ୩୦୦୦ ବର୍ଷରୁ ଅଧିକ ସମୟ ହେଲା ଭାରତର ବ୍ରାହ୍ମଣମାନେ ବୈଦିକ ସ୍ତୋତ୍ରଗୁଡ଼ିକର ପ୍ରଚାର ପ୍ରସାର କରି ଆସିଛନ୍ତି; ଯେଉଁଥିରେ ଘୋଡ଼ା, ରଥ ଏବଂ ବିଭିନ୍ନ ପଦାର୍ଥକୁ ନେଇ ନିର୍ମିତ ଧନୁ ସମ୍ପର୍କରେ ବହୁ ପୁରାତନ ବର୍ଣ୍ଣନା ଥିବା ଦେଖାଯାଏ (ଋଗବେଦ ୧.୧୬୩.୧୦ ଏବ ୧. ୬.୭୫.୨)। ବ୍ରାହ୍ମଣମାନେ ଏହି ବୈଦିକ ସ୍ତୋତ୍ରଗୁଡ଼ିକୁ ଅନନ୍ତ (ସନାତନ) ଏବଂ ଏହା ମଣିଷ ଦ୍ୱାରା ସୃଷ୍ଟି ହୋଇ ନ ଥିବା ମନେକରନ୍ତି। କିନ୍ତୁ ଏବେ ପୁରାତନ ଡିଏନ୍ଏ ଅନୁଧ୍ୟାନ, ପ୍ରତ୍ନତତ୍ତ୍ୱ ଏବଂ ଭାଷାବିଜ୍ଞାନରୁ ଜାଣିପାରୁଛୁ ଯେ ଏଭଳି ଭାବନା ସତ୍ୟ ନୁହେଁ। ପାଖାପାଖି ଖ୍ରୀଷ୍ଟପୂର୍ବ ୨୦୦୦ରେ କୃଷ୍ଣ ସାଗର ଓ କାସ୍ପିଆନ ସାଗରର ଉତ୍ତରାଞ୍ଚଳ ଏବଂ ଉରାଲ ପର୍ବତମାଳାର ପଶ୍ଚିମରେ ଘୋଡ଼ା ପାଳନ କରାଯାଉଥିଲା। ପ୍ରଥମେ ବହୁ ଛୋଟ ଘୋଡ଼ା ପାଳନ କରାଯାଉଥିଲା। ଫଳରେ ତା'ଉପରେ ବସି ବୟସ୍କ ଯିବା ସମ୍ଭବ ନ ଥିଲା। ଏହା ଯୋଗୁ ସେହି ସମୟରେ ଅଖଚକ ଥିବା ରଥ ଉଦ୍ଭାବନ କରାଯାଇଥିଲା। ଏସବୁ ଦକ୍ଷିଣ ରୁଷିଆ, ସିଣ୍ଟାସ୍ତା ସଭ୍ୟତା, ଉରାଲ ପର୍ବତମାଳାର ଉତ୍ତରଭାଗରେ ଥିବା ସମାଧି ବା କବର ସ୍ଥଳରୁ ମିଳିଛି ଏବଂ ଏଗୁଡ଼ିକ ଖ୍ରୀଷ୍ଟପୂର୍ବ ୨୦୦୦ର ବୋଲି ଜଣାପଡ଼ିଛି। ପ୍ରାୟ ଏହି ସମୟରେ, ଏସବୁ ସ୍ଥାନରେ ମଧ୍ୟ କାଠ ଓ ଅନ୍ୟାନ୍ୟ ପଦାର୍ଥକୁ ନେଇ ତିଆରି କରାଯାଉଥିବା ଧନୁ ଅବିଷ୍କାର କରାଯାଇଥିଲା। ଘୋଡ଼ା, ଧନୁ ଓ ରଥକୁ ନେଇ ଏକ ନୂଆ ସାମରିକ ଟେକ୍ନୋଲୋଜି ଖ୍ରୀଷ୍ଟପୂର୍ବ



୧୫୦୦ ବେଳକୁ ପୂର୍ବ ଦିଗରେ ଇଜିପ୍ଟ, ଉତ୍ତରରେ ସ୍କାଣ୍ଡିନେଭିଆ, ଚାଇନା ଏବଂ ପୂର୍ବଭାରତରେ ଭାରତକୁ ବ୍ୟାପିଥିଲା। ଘୋଡ଼ାପାଳକଙ୍କ ସହିତ ଏକ ନୂଆ ଭାଷା ମଧ୍ୟ ପ୍ରସାର ଲାଭ କରିଥିଲା।

ପୂର୍ବଭାଗକୁ ପ୍ରସାରଣ ଯୋଗୁ କେବଳ ତୃଣଭୂମି ଅଞ୍ଚଳରେ ରହୁଥିବା ଯାଯାବର ଗୋଷ୍ଠୀର ପଶୁପାଳକଙ୍କଠାରେ ଦେଖିବାକୁ ମିଳୁଥିବା ଏକ ପ୍ରକାର ଜିନ୍ (ଯାହାକୁ ଏବେ ଆରଓ୍ୱାନ ଏ-ଜେଡ୍୯୩ ନାମକରଣ କରାଯାଇଛି)ର ପ୍ରସାର ଘଟିଥିଲା। ଏହା କେନ୍ଦ୍ର ଏସିଆ, ଇରାନ ଓ ଭାରତର ବ୍ରାହ୍ମଣଙ୍କଠାରେ ଦେଖିବାକୁ ମିଳେ। ଯେଉଁମାନେ ଏହି ଜିନ୍କୁ ନେଇ ଆସିଥିଲେ ସେମାନେ ନିଜକୁ ଆର୍ଯ୍ୟ ବା ମହାନ୍ ବୋଲି କହୁଥିଲେ। ଭାରତରେ ମୌସୁମୀ ଜଳବାୟୁ ଘୋଡ଼ା ବଂଶବୃଦ୍ଧି ପାଇଁ ଅନୁକୂଳ ନ ଥିବା ଯୋଗୁ ଆର୍ଯ୍ୟମାନେ ଭାରତକୁ ଅଧିକରୁ ଅଧିକ ଘୋଡ଼ା ଆଣିବା ପାଇଁ କେନ୍ଦ୍ର ଏସିଆକୁ ବାରମ୍ବାର ଯାଉଥିଲେ। ସେତେବେଳର ଅଖ-ଚକଥିବା ରଥରେ ଘୋଡ଼ାମାନେ ଜଣେ ଚାଳକ ଓ ଧନୁର୍ଦ୍ଧାରୀଙ୍କୁ ଟାଣି ନେଇପାରୁଥିଲେ। ଏଭଳି ଛବି ଭଗବଦ୍ ଗୀତାରେ ବି ରହିଛି, ଯେଉଁଥିରେ କୃଷ୍ଣ ୪ଟି ଧଳା ଘୋଡ଼ାର ଲଗାମ ଧରିଥିବା ବେଳେ ଅର୍ଜୁନ ତାଙ୍କ ଗାଣ୍ଡିବ ଧନୁ ଧରି ଠିଆ ହୋଇଛନ୍ତି। ଉଭୟ ଶଙ୍ଖ ବଜାନ୍ତି। ଋଗବେଦରେ ଏହି ଶଙ୍ଖ ବିଷୟରେ କୌଣସି ଉଲ୍ଲେଖ ନାହିଁ, କିନ୍ତୁ ଅଥର୍ବ ବେଦରେ ଏହା ଅଛି।

ନିକଟରେ ତାମିଲନାଡୁର କିଲାଡିରେ ହୋଇଥିବା ଖନନରୁ ଲହପଥରକୁ ତରଳାଇ ଲୁହା ବାହାର କରିବା ଟେକ୍ନୋଲୋଜିର ସନ୍ଧାନ ମିଳିଛି, ଯାହା ସମ୍ଭବତଃ କୃଷ୍ଣି ଆକର୍ଷଣ କରିଛି। ଏହି ଟେକ୍ନୋଲୋଜି ଭାରତରେ ଦ୍ରାବିଡ଼ ଓ ମୁଣ୍ଡା ଭାଷାଭାଷୀ ଲୋକ ରହୁଥିବା ଅଞ୍ଚଳରେ ଆବିଷ୍କୃତ ହୋଇଥିଲା। ଲୁହା ପଥରରୁ ଲୁହା ବାହାର କରିବା ଲାଗି ଉଚ୍ଚ ତାପମାତ୍ରା ଦରକାର ପଡ଼େ। ଗୋଦାବରୀ ଅବବାହିକାର ବିଭିନ୍ନ ସ୍ଥାନରେ ରହିଥିବା ମାଟିଚୁଲା ସବୁର ସନ୍ଧାନ ମିଳିଛି ଏବଂ ଏଭଳି ଫାୟାର ଟେକ୍ନୋଲୋଜି ଉପରେ ଏକ ଦୀର୍ଘ ଅନୁଧ୍ୟାନ ଲୋଡ଼ା। ଏହାସହ ଆଣ୍ଡୋଲିଆ( ଆଧୁନିକ ତୁର୍କୀ), ଆଫ୍ରିକା(ବଣ୍ଟୁ ସମ୍ପ୍ରଦାୟ) ଓ ଭାରତରେ ପ୍ରଥମେ ଲୁହା ପଥରରୁ ଲୁହା ବାହାର କରିଯିବା ପଦ୍ଧତି ଆପଣାଯାଇଥିଲା ବୋଲି ଜଣାପଡ଼େ। ସମ୍ଭବତଃ ଏହି କାରଣରୁ ଲୁହା ନେବା ପାଇଁ ଆର୍ଯ୍ୟମାନେ ଅକ୍ଷୁସ ନଦୀ ଅବବାହିକାରୁ ଦୁର୍ଗମ ହିନ୍ଦୁକୁଶ ଦେଇ ଭାରତକୁ ଆସିଥିଲେ।

ବହୁ ବିଳମ୍ବରେ ଘୋଡ଼ା ଭାରତକୁ ଆସିଥିଲା ଓ ପାଳନ କରାଯାଇଥିଲା। ୧୮୦୦ ଖ୍ରୀଷ୍ଟାବ୍ଦ ପରେ ଗୁଜରାଟ, ରାଜସ୍ଥାନ, ପଞ୍ଜାବ ଏବଂ ମହାରାଷ୍ଟ୍ରର ଅନେକ ଅଞ୍ଚଳରେ ଏହା କରାଯାଇଥିଲା। ଏଣୁ ପାଖାପାଖି ୩୦୦୦ ବର୍ଷ ଧରି କେନ୍ଦ୍ର ଏସିଆରୁ ଘୋଡ଼ା ପାଳକମାନେ ଭାରତୀୟ ରାଜାମାନଙ୍କ ପାଇଁ ଘୋଡ଼ା ଆଣୁଥିଲେ। ରାଜାମାନେ ସେତେବେଳେ ନୂଆ ରାଜ୍ୟ ଜୟ କରିବା ପାଇଁ ଏହି ଘୋଡ଼ାକୁ ଯୁଦ୍ଧରେ ବ୍ୟବହାର କରୁଥିଲେ। ଏପରି କି ରାଜ୍ୟ ଦଖଲ ଉତ୍ସବରେ ସେମାନଙ୍କୁ ବଳି (ଅଶ୍ୱମେଧ)ଦେଉଥିଲେ। ବ୍ୟବସାୟୀମାନେ ଭାରତକୁ ଆକ୍ରମଣ କରିବା କିମ୍ବା ଭାରତକୁ ସ୍ଥାନାନ୍ତର ହେବାର କୌଣସି କାରଣ ନ ଥିଲା। ସେମାନେ କେବଳ ଭାରତରୁ କେନ୍ଦ୍ର ଏସିଆକୁ ଅଧିକ ଘୋଡ଼ା ଆଣିବା ଲାଗି ଯାଉଥିଲେ; ଯେଉଁ ଘୋଡ଼ାପାଳନ ଓ ବଂଶବୃଦ୍ଧି କରାଯାଉଥିଲା।

-devduttofficial@gmail.com

# ନୂଆଁଖାଇ ଜୁହାର



ମୋହନ ଚରଣ ମାଝୀ

ଜୁହାର,

ଓଡ଼ିଶାର ଅନନ୍ୟ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ସାରା ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମା' ସମଲେଶ୍ୱରୀ, ମା' ସୁରେଶ୍ୱରୀ, ମା' ପାତନେଶ୍ୱରୀ, ମା' ଲଙ୍କେଶ୍ୱରୀ, ମା' ବିନ୍ଧ୍ୟବାସିନୀ ତଥା ନୂଆଁଖାଇର ପବିତ୍ର ନବାନ୍ନ ଲାଗି ପରମ୍ପରା ସହ ଜଡ଼ିତ ସମସ୍ତ ଦେବୀମାନଙ୍କୁ କୋଟି କୋଟି ପ୍ରଣାମ। ମା' ତା'ର ପନ୍ତକାନିରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ସୁରକ୍ଷା ଯୋଗାଉ ରଖନ୍ତୁ। ସାରା ଦେଶ ଓ ସାରା ବିଶ୍ୱବାସୀଙ୍କୁ ସୁଖ, ଶାନ୍ତି ଓ ପ୍ରଗତିର ରାସ୍ତାରେ ଆଗେଇ ନିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା।

ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ଖାଲି କୃଷିର ମହିମା ମଣ୍ଡନ କରେ ନାହିଁ। ଏହା ସହ ଭାରତୀୟ ଅସ୍ମିତାର ପ୍ରମୁଖ ଅଙ୍ଗ- ପରିବାର, ପାରିବାରିକ ସଂସ୍କାର ତଥା ମିଳିମିଶି ସହାବସ୍ଥାନର ସାରା ବିଶ୍ୱକୁ କାଳଜୟୀ ବାର୍ତ୍ତା ପ୍ରଦାନ କରେ। ନୂଆଁଖାଇ ଶୁଭ ଅବସରରେ ଆମ କୃଷକ ଚାଷୀଭାଇ ତଥା ଆମ ସଭ୍ୟତାର ମୂଳ ଆଧାର ପରିବାର ବ୍ୟବସ୍ଥା ଚିରସ୍ଥାୟୀ ହେଉ ଏବଂ ସାରା ରାଜ୍ୟର ସୁଖ, ଶାନ୍ତି ଓ ପ୍ରଗତିର ନୂଆ ଯୁଗରେ ସାଢ଼େ ଚାରି କୋଟି ଓଡ଼ିଆ ସାମିଲ ହୁଅନ୍ତୁ, ଏହା ହିଁ କାମନା।

ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପୁରୋଧେୟ ଯୋଜନା ଆଜି ଆମ ରାଜ୍ୟ ପାଇଁ ପ୍ରଗତିର ନୂଆ ରାସ୍ତା ଖୋଲିଛି। ମୋଦିଜୀ ତଥା ଡବଲ ଇଞ୍ଜିନ ସରକାରରେ ବିକାଶର ଅବଧାରଣା ବେଶ୍ ସ୍ପଷ୍ଟ। ୨୦୩୬ର ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶା ୧୦୦ ବର୍ଷ ପୂର୍ଣ୍ଣ ହେଉ ଅଥବା ୨୦୪୭ରେ ଦେଶ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି। ଆମର ଲକ୍ଷ୍ୟ, ୨୦୪୭ରେ ବିକଶିତ ଭାରତ ନିର୍ମାଣରେ ଓଡ଼ିଶା ପ୍ରମୁଖ ଭୂମିକା ନେବ। ସେଥିପାଇଁ ୨୦୩୬ର ଲକ୍ଷ୍ୟ ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଆଜିଠାରୁ ୨୦୪୭ ଆଉ ମାତ୍ର ୨୦-୨୨ ବର୍ଷ ଏବଂ ୨୦୩୬ ମାତ୍ର ୧୦-୧୧ ବର୍ଷ ବାକି ଅଛି। ଦେଶର ଅମୃତକାଳ ପାଇଁ ଆଗାମୀ ଦୁଇ ଦଶନ୍ଧି ବେଶ୍ ଗୁରୁତ୍ୱପୂର୍ଣ୍ଣ। ମାତ୍ର ଆମ ଓଡ଼ିଆଙ୍କ ପାଇଁ ଏହି ଦୁଇ ଦଶନ୍ଧି ଭିତରୁ ପ୍ରଥମ ଦଶନ୍ଧି ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ। ଆଜିଠାରୁ ଆଗାମୀ ଦଶବର୍ଷ ଯଦି ଓଡ଼ିଆ ଜାତି ତା'ର ନିଷ୍ଠା, ପରାକାଷ୍ଠା ସହିତ ସଠିକ ରାସ୍ତାରେ ସଠିକ ପଦକ୍ଷେପ ନିଏ, ତା' ହେଲେ ବିକଶିତ ଭାରତର ଆଧାରସ୍ତମ୍ଭ ହୋଇ ପାରିବ ଓଡ଼ିଶା। ମୋର ଦୃଢ଼ ବିଶ୍ୱାସ ଆମେ ଆମର ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା।

କ୍ଷେତ୍ରରେ କୃଷି ହେଉ, ପଶୁପାଳନ ତଥା କୃଷି ଉତ୍ପାଦକୁ ମୂଲ୍ୟଯୁକ୍ତ କରିବା ପାଇଁ କୃଷି ପ୍ରକ୍ରିୟାକରଣ ଶିଳ୍ପ, ଏସବୁର ସମାବେଶୀ ବିକାଶ ଓଡ଼ିଶାର ଆର୍ଥିକ ବିକାଶକୁ ଅନ୍ତର୍ଭୁକ୍ତୀକରଣର ରାସ୍ତାରେ ନେଇ ଅର୍ଥନୀତିର ସବୁଠାରୁ ବଡ଼ ବର୍ଗ କୃଷକଙ୍କୁ ସମୃଦ୍ଧ କରିବ।

ନୂଆଁଖାଇ ପୂର୍ବଦିନ ପବିତ୍ର ଗଣେଶ ଚତୁର୍ଥୀ। ମୁଁ ବହୁତ ଆନନ୍ଦିତ ନୂଆଁଖାଇର ଧାର୍ମିକ ଓ ସାମାଜିକ ଆନନ୍ଦ ଉତ୍ସାହର ପୂର୍ବ ଦିନ ବିଘ୍ନନାଶକ ଗଣପତିଙ୍କ ପବିତ୍ର ପୂଜା ଅବସରରେ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା ସିଏମ୍ କିଷାନ ସହାୟତା ରାଶି ଡିବିଟି ମାଧ୍ୟମରେ ସବୁ ପଞ୍ଜୀକୃତ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ପ୍ରଦାନ କରାଯାଇଛି।

ଏହି ଯୋଜନାରେ ବର୍ଷକୁ ଦୁଇ ଥର ଏବଂ ଥରକୁ ୨ ହଜାର ଟଙ୍କା ଭାବରେ ଚାଷୀଭାଇମାନଙ୍କୁ କୃଷି ସହାୟତା ପାଇଁ ମୋ ସରକାର ପ୍ରଦାନ କରିଆସୁଛି। ଗଣେଶ ଚତୁର୍ଥୀ ଅର୍ଥାତ୍ ଗତକାଲି ରାଜ୍ୟର ୫୧ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀଭାଇ ତଥା ଭାଗଚାଷୀଙ୍କୁ ବିଶେଷ ଭାବରେ ଅନୁନ୍ନତ ଜନଜାତି ସମୂହ ଚାଷୀ ଏବଂ ଭୂମିହୀନ କୃଷକ ପରିବାରଙ୍କୁ ସାମିଲ କରାଯାଇ ସେମାନଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଏହି ଅର୍ଥରାଶି ପ୍ରେରଣ କରାଯାଇଛି। ରାଜ୍ୟର ୫୧ ଲକ୍ଷ ପରିବାର ପାଖରେ ୧୦୪୧ କୋଟି ଟଙ୍କାର ଆର୍ଥିକ ଶକ୍ତି କେବଳ ଚାଷୀମାନଙ୍କ ପରିବାରରେ ହସ ଫୁଟାଇବ ନାହିଁ ବରଂ ସାରା ରାଜ୍ୟର କୃଷି ବ୍ୟବସ୍ଥାକୁ ଅଧିକ ଚଳଚଞ୍ଚଳ କରିବ। ନୂଆଁଖାଇରେ ଆମର ଚାଷୀଭାଇଙ୍କ ପରିବାର ମୁହଁରେ ହସ ମୋ ଭଳି ସାଧାରଣ ଗରିବ ଓଡ଼ିଆ ଆଦିବାସୀ ପରିବାରରୁ ଆସିଥିବା ବ୍ୟକ୍ତି ହିସାବରେ ଅନେକ ଆନନ୍ଦ ଦେଉଛି।

ଆମେ ଗତ ନିର୍ବାଚନ ସମୟରେ ଚାଷୀଭାଇମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହ ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲୁ। ସେତେବେଳେ ଆମର ବିରୋଧୀମାନେ ଆମକୁ ଥଟ୍ଟା, ପରିହାସ କରୁଥିଲେ। କାରଣ ସେମାନଙ୍କର ବିକାଶର ଅବଧାରଣା ଏବଂ ଭାରତୀୟ ଜନତା ପାର୍ଟିର ବିକାଶର ଅବଧାରଣା ଭିତରେ ଆକାଶ ପାତାଳ ଫରକ। ଆମେ ଗାନ୍ଧି, ଗୋପବନ୍ଧୁ ଏବଂ ପଣ୍ଡିତ ଦୀନ ଦୟାଳ ଉପାଧ୍ୟାୟଙ୍କର ଆର୍ଥିକ ବିକାଶ ମଡେଲର ପୂଜକ। ଆପଣମାନଙ୍କର ମନେଥିବ ବରଗଡ଼ ଜିଲାର ସୋହେଲାରେ ଚାଷୀମାନଙ୍କୁ ୧୦୦ ଟଙ୍କାର ବୋନସ ଦେବା ପାଇଁ ଜନସଭାରେ କିଏ ଘୋଷଣା କରିଥିଲେ ଏବଂ ଏହି ଅର୍ଥ ଯୋଗାଇବା ପାଇଁ କାହିଁକି ସେମାନେ ପଛେଇଲେ।

ମୁଁ ସ୍ପଷ୍ଟ କରିବାକୁ ଚାହେଁ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟଙ୍କ ଏକାତ୍ମମାନବ ଦର୍ଶନ ଏବଂ ଅନ୍ତୋଦୟ ବିଚାରଧାରାର ଆମେ ନିଷ୍ଠାପର ପୂଜାରୀ। ଜନସଂଘ ଓ ପରେ ୧୯୮୦ରୁ ବିଜେପିର ରାଜନୈତିକ ଯାତ୍ରାର ଆଧାର ଅନ୍ତୋଦୟ। ଦୀନଦୟାଳଙ୍କ ଅନ୍ତୋଦୟ ଆଜି ଦିନରେ ମୋଦିଜୀଙ୍କର ଗରିବ କଲ୍ୟାଣ। ଆମ ଚାଷୀଙ୍କୁ ୮୦୦ ଟଙ୍କା ଦେବା ପାଇଁ ସମୟ ଲାଗେନି କିନ୍ତୁ ୧୦୦ ଟଙ୍କା ସାଧାରଣ ଗରିବ ଚାଷୀ ପରିବାରକୁ ଦେଇଦେବାରେ ବିକାଶ କାମ ଗଡ଼ବଡ଼ ହୋଇଯିବ, ଏହା ଆମ ରାଜନୈତିକ ବିରୋଧୀଙ୍କ ବିଚାର।

ମୋର ପ୍ରିୟ ଓଡ଼ିଶାର ଚାଷୀ, ମହିଳା, ଯୁବକ ଓ ଗରିବମାନଙ୍କ ପାଖରେ ବିନମ୍ର କିନ୍ତୁ ବଳ୍ପ ଶପଥ ଦେଉ ଭଲି ଡବଲ ଇଞ୍ଜିନ ସରକାର ମୋଦିଜୀଙ୍କ ନେତୃତ୍ୱରେ ସାଧାରଣରୁ ସାଧାରଣ ଓଡ଼ିଆଙ୍କ ଆର୍ଥିକ ବିକାଶ ପାଇଁ ବଦ୍ଧ ପରିକର। ଚାଷୀଙ୍କୁ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ କରିବା ଆମର ଶପଥ।

ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ କୃଷିନୀତି ଓ ଯୋଜନା ମାଧ୍ୟମରେ ଓଡ଼ିଶା ଭଳି ରାଜ୍ୟର ଚାଷୀଭାଇଙ୍କ ଅର୍ଥନୀତି ମଜଭୁତ ହେଉଛି। ମୋଦିଜୀଙ୍କ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମ୍‌କେଏସ୍‌ୱାଇ-ଏଆଇବିପି ଅଧୀନରେ ଜଳସେଚନ ପ୍ରକଳ୍ପ, ମତ୍ସ୍ୟ ଏବଂ ପଶୁ ସମ୍ପଦ ଯୋଜନା ସମୂହ, କୃଷି ଉତ୍ପାଦକ ସଂଗଠନ ବା ଏଫ୍‌ପିଓ ମାଧ୍ୟମରେ କୃଷକଙ୍କ ଆର୍ଥିକ ବିକାଶ। ସମବାୟ ବିଭାଗକୁ ନୂଆ ଭାବରେ ଗଢ଼ି କୃଷି ଏବଂ ସମବାୟଭିତ୍ତିକ କୃଷି ନୂଆ ସମ୍ଭାବନା ସୃଷ୍ଟି କରିଛି।

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ତତ୍କାଳିକ ଏବଂ ଦୀର୍ଘମିଆଦୀ ଭିତ୍ତିରେ ଚାଷୀର ବିକାଶ ପାଇଁ ବଦ୍ଧପରିକର। ଦୀର୍ଘମିଆଦୀ ଉଦ୍ଦିଷ୍ଟ ଥିବା ଜଳସେଚନ ପ୍ରକଳ୍ପଗୁଡ଼ିକ ଅଧିକ ଗତିଶୀଳ କରିବା କାମରେ ଆମେ ଲାଗିଛୁ। କାରଣ ଜଳସେଚନ ବିନା ଉତ୍ପାଦନ ବଢ଼ାଇ ଚାଷୀଙ୍କ ରୋଜଗାର ଦ୍ରୁତ ବୃଦ୍ଧି ସମ୍ଭବ ନୁହେଁ। କୃଷି କାର୍ଯ୍ୟରେ ଆଧୁନିକ ଯନ୍ତ୍ରପାତି ବ୍ୟବହାର, ଶୀତଳ ଭଣ୍ଡାର, ପ୍ରକ୍ରିୟାକରଣ ଶିଳ୍ପ, ଯୋଗାଣ ଶୃଙ୍ଖଳା ନେଟୱର୍କ ପାଇଁ କାର୍ଯ୍ୟକାରୀ କୃଷକଙ୍କ ପ୍ରଶିକ୍ଷଣ ଓ ତାଲିମ ବ୍ୟବସ୍ଥା ଆମର ପ୍ରାଥମିକତା। ମଣ୍ଡି ବ୍ୟବସ୍ଥାର ଉନ୍ନତୀକରଣ, ମଣ୍ଡିଗୁଡ଼ିକୁ E-NAM ସହ ଯୋଡ଼ିବା ଗୋଦାମଘର, ବିଶ୍ରାମାଗାର ମାଧ୍ୟମରେ ମଣ୍ଡି ନବୀକରଣକୁ ଆମେ ଗୁରୁତ୍ୱ ଦେଉଛୁ। କୃଷି ଋଣ ଓ ଏହାର ସୁପରିଚାଳନାକୁ ଅଗ୍ରାଧିକାର ଦେଉଛୁ।

ଆମେ ରାଜ୍ୟର ୩ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ଜନ ସାଧାରଣଙ୍କ ମତାମତ ଆଧାରରେ ୨୦୩୬ ଓ ୨୦୪୭ ପାଇଁ ଓଡ଼ିଶା ଭିଜନ ପ୍ରସ୍ତୁତ କରିଛୁ। ଆମର ଲକ୍ଷ୍ୟ ମୁଣ୍ଡ ପିଛା କୃଷକଙ୍କ ଆୟରେ ଓଡ଼ିଶା ଦେଶର ୫ ନମ୍ବର ସ୍ଥାନକୁ ଆସିବ। କୃଷି ରପ୍ତାନି ପାଇଁ ବଡ଼ ଯୋଜନାରେ ଆମେ କାର୍ଯ୍ୟରତ। ଚାଷଜମିର ୧୦୦ ପ୍ରତିଶତ ଡିଜିଟାଲ ମ୍ୟାପ ପ୍ରସ୍ତୁତ ଆମର ଯୋଜନା, ଯାହା ଆଧାରରେ ଚାଷଜମିର ନିରୀକ୍ଷଣ, ସବ୍‌ସିଡି ଓ ଅତିରିକ୍ତ ସେବା ଯୋଗାଣ ବ୍ୟବସ୍ଥାକୁ ପାରଦର୍ଶୀ କରାଯାଇ ପାରିବ। ପିଏମ୍ କୁସୁମ ଯୋଜନାରେ କୃଷି କ୍ଷେତ୍ରରେ ବିଜୁଳି ଆବଶ୍ୟକତା ସୌର ଶକ୍ତି ମାଧ୍ୟମରେ ମେଣ୍ଟାଇବା ପାଇଁ ଆମେ ଉଦ୍ୟମ କରୁଛୁ।

କୃଷି ଗବେଷଣା ଓ ଜ୍ଞାନ କୌଶଳକୁ ଚାଷୀଙ୍କ ପାଖକୁ ନେଇ ଚାଷୀଙ୍କୁ ସମୃଦ୍ଧ କରିବାରେ ସାରା ଦେଶରେ ଅଗ୍ରଣୀ ରାଜ୍ୟ ହେବା ଆମର ଲକ୍ଷ୍ୟ। ଚାଷ ଜମିର ମାଲିକାନା ମହିଳାଙ୍କ ନାମକୁ ଅଧିକ ମାତ୍ରାରେ ଆସୁ, ସେଥିପାଇଁ ପ୍ରୋତ୍ସାହନର ବ୍ୟବସ୍ଥା କରିଛୁ।

ପବିତ୍ର ନୂଆଁଖାଇରେ ମୋ ସରକାର ଚାଷୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ବଦ୍ଧ ପରିକର। ଦେବାକୁ ବିଶ୍ୱାସ ରାଜ୍ୟର ଚାଷୀଭାଇମାନଙ୍କୁ ଦେବାକୁ ଚାହୁଁଛି। ମୁଁ ସ୍ପଷ୍ଟ, ଚାଷୀଭାଇଙ୍କର ଦ୍ରୁତ ଉନ୍ନତି ବିନା ସମୃଦ୍ଧ ଓଡ଼ିଶାର ସ୍ୱପ୍ନ ସଫଳ ହୋଇପାରିବ ନାହିଁ। ମା' ସମଲେଇ ଆମ ଲକ୍ଷ୍ୟ ପୂରଣ ପାଇଁ ଆଶିଷ ଦିଅନ୍ତୁ, ଆଜି ଦିନରେ ଏତିକି ପ୍ରାର୍ଥନା।

ଆମ ଅସ୍ମିତାର ପରିଚୟ ଆମ ପରିବାର ବ୍ୟବସ୍ଥା। ନୂଆଁଖାଇର ଅନନ୍ୟ ଅଙ୍ଗ ପରିବାରରେ ଏକାଠି ହୋଇ ଭୋଜନ କରିବା ଓ ବଡ଼ମାନଙ୍କୁ ମୁଣ୍ଡିଆ ମାରିବା। ଆଜି ଆଧୁନିକ ସମାଜର ପରିବାରର ଅବଧାରଣା ବଦଳୁଛି। ପାଶ୍ଚାତ୍ୟ ସଂସ୍କୃତିର ଛାପ ଆମ ଯୌଥ ପରିବାର ବ୍ୟବସ୍ଥା ଉପରେ ସଙ୍କଟ ଆଣି ଦେଉଛି। ବାପା-ମା'-ପିଲା କେବଳ ନୁହନ୍ତି, ଜେଜେ-ଜେଜେମା, ଦାଦା-ଖୁଡ଼ୀ ପ୍ରମୁଖ ସଂସ୍କୃତିକୁ ଆଧୁନିକ ସମାଜ ଦୂରାଉଛି। ବୋଧହୁଏ କାହିଁ କେଉଁ ଶତାବ୍ଦୀ ଶତାବ୍ଦୀ ପୂର୍ବରୁ ନୂଆଁଖାଇ ପରିକଳ୍ପନା କରିଥିବା ଯୋଗଜନ୍ମା ଓଡ଼ିଆମାନେ ନୂଆଁଖାଇରେ ପରିବାର ମେଳନ ପରମ୍ପରା ତିଆରି କରିଛନ୍ତି। ଓଡ଼ିଶାର ଏହି ଅନନ୍ୟ ସଂସ୍କୃତି ଓ ଅସ୍ମିତାର ଛାପ ସାରା ଦେଶ ଓ ବିଶ୍ୱକୁ ପ୍ରଭାବିତ କରୁ, ନୂଆଁଖାଇର ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା'ସମଲେଶ୍ୱରୀଙ୍କ ପାଖରେ ଏହି ହିଁ ପ୍ରାର୍ଥନା।

**ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାର**

# ଚିତ୍ରକଳା ଓ ଜନଜାତି କଳାକୃତି



ଡା.ଚିତ୍ତରଞ୍ଜନ ଆଚାର୍ଯ୍ୟ

ମାନବର ଅଭିବ୍ୟକ୍ତି ପାଇଁ ଯେତେ ପ୍ରକାର ମାଧ୍ୟମ ରହିଛି, ଚିତ୍ରକଳା ସେଥିମଧ୍ୟରୁ ଅନ୍ୟତମ। ପ୍ରାଗୈତିହାସିକ ଯୁଗର ଅଲଟାମୀରା ଗହ୍ୱରର ଚିତ୍ରଣ ଏବଂ ଫ୍ରାନ୍ସର ଲାସ୍‌କକ୍ସ ଗହ୍ୱରର ଚିତ୍ରଣ ପୂର୍ବରୁ ଆଦିମ ମାନବର ଅନ୍ୟ କୌଣସି ପ୍ରକାର ଚିତ୍ରାଙ୍କନର ସନ୍ଧାନ ମିଳେ ନାହିଁ। ଏଥିରୁ ପ୍ରମାଣିତ ହୁଏ ଯେ, ଗହ୍ୱର ମଧ୍ୟସ୍ଥ ରେଖା ଓ ବର୍ଣ୍ଣର ଏହି ସହଜ ପରିପ୍ରକାଶ ଚିତ୍ରାଙ୍କନ ହିଁ ଭାଷାହୀନ ମାନବର ପ୍ରଥମ ଅଭିବ୍ୟକ୍ତି। ଭାରତୀୟ ଶିଳ୍ପୀମାନେ ଧର୍ମ ଓ ଦର୍ଶନର ସନ୍ନିଶ୍ରଣରେ ଯେଉଁ ଜଗତର ଚିତ୍ର, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି, ସେଥିରେ ଭାବ ପ୍ରକାଶ ସ୍ପଷ୍ଟ ପରିଲକ୍ଷିତ ହୁଏ। ଭାରତୀୟ ଚିତ୍ରକଳାର ରଚନା ଶୈଳୀ, ରେଖାଙ୍କନର ଚାତୁରୀ, ଲାଳିତ୍ୟ ବର୍ଣ୍ଣ ସଂଯୋଗ ଓ ରୂପାଙ୍କନ ପ୍ରକାଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଭାରତୀୟ ସମାଜରେ ଅତି ପ୍ରାଚୀନ କାଳରୁ ଚିତ୍ରର ପ୍ରଚଳନ ଥିଲା। କାବ୍ୟ ଓ ପୁରାଣମାନଙ୍କରେ ମଧ୍ୟ ଏହାର ସୂଚନା ମିଳେ। ପ୍ରାଗୈତିହାସିକ ଯୁଗର କେତେକ ରେଖାଚିତ୍ରର ସନ୍ଧାନ ଭାରତରେ ମିଳିଛି। ଏଥିରେ ଆଦି ମାନବର ଦୈନନ୍ଦିନ ଘଟଣାବଳୀର କେତେକ ସୂଚନା ଦୃଷ୍ଟିଗୋଚର ହୁଏ। ଚିତ୍ରାଙ୍କନ ଯୁଗ ଯୁଗ ବ୍ୟାପି ଭାରତରେ ଲୋକ ପ୍ରଚଳିତ ହୋଇ ଏକ ଉନ୍ନତ କଳାର ପରମ୍ପରା ସୃଷ୍ଟି କରିବାରେ ସହାୟକ ହୋଇଛି।

ଭାରତର କଳା ଐତିହ୍ୟ କେବଳ ପ୍ରାଚୀନତା ଦୃଷ୍ଟିରୁ ନୁହେଁ, ଏହାର ଆଧ୍ୟାତ୍ମିକତା ଦୃଷ୍ଟିରୁ ସୁନ୍ଦର ପ୍ରସାରୀ। ଉତ୍କଳରେ ମଧ୍ୟ ରେଖା ଓ ବର୍ଣ୍ଣ ଦ୍ୱାରା ଚିତ୍ରାଙ୍କନ ପ୍ରଚଳିତ ଥିବାର ଦୃଷ୍ଟିକୁ ଆସେ। ପ୍ରାଗୈତିହାସିକ ଯୁଗରୁ ଗୁମ୍ଫାମାନଙ୍କରେ ଥିବା ପ୍ରସ୍ତର ଉପରେ ଅଙ୍କିତ ଚିତ୍ର ଅଦ୍ୟାବଧି ଉନ୍ନତ କଳା ପରମ୍ପରାର ସୂଚନାଦିଏ। ତନ୍ମଧ୍ୟରୁ ସୁନ୍ଦରଗଡ଼ ଜିଲାର ମାଣିକମଡ଼ା, ଉଷାକୋଠି, କଳାହାଣ୍ଡି ଜିଲାର ଗୁଡ଼ାହାଣ୍ଡି ଓ ବିକ୍ରମ ଖୋଲ ଅନ୍ୟତମ। ଏହି ଗୁମ୍ଫା ଚିତ୍ରର କାଳ ସଠିକ ଭାବେ ନିରୂପଣ କରାଯାଇ ନଥିଲେ ମଧ୍ୟ ତତ୍କାଳୀନ ସାମାଜିକ ଅବସ୍ଥାର କେତେକ ଚିତ୍ର ଦର୍ଶକମାନଙ୍କୁ ଅଭିଭୂତ କରିଥାଏ। ଏହାର ଜ୍ୟାମିତିକ ରେଖା ଓ ବର୍ଣ୍ଣର ରଚନା ମାଧ୍ୟମରେ ଭାବର ପ୍ରକାଶ ଶିଳ୍ପୀର ଅନ୍ତର୍ନିହିତ ଆବେଗର ପରିପ୍ରକାଶ।

ଶିଳ୍ପଗଣ କାଠ, ପଥର, ବିଭିନ୍ନ ଧାତୁ ତଥା ପଟଚିତ୍ର କାରିଗରମାନେ ଦେଉଳର କାନ୍ଥ, କନା ଓ ପଟିରେ ଆଦିବାସୀମାନେ ତାଙ୍କର ପାରମ୍ପରିକ ଶୈଳୀରେ ବିଭିନ୍ନ ପ୍ରାକୃତିକ ରଙ୍ଗ ସାହାଯ୍ୟରେ ତଥା ଏବର ଆଧୁନିକ ଯୁଗର ଶିଳ୍ପୀ ଓ ଭାସ୍କରମାନେ ଆଦିବାସୀ ସଂସ୍କୃତିକୁ ବିଭିନ୍ନ ପଦ୍ଧତିରେ ଚିତ୍ରିତ କରିଛନ୍ତି। ବହୁକାଳରୁ ଏହି ଆଦିବାସୀ ସଂସ୍କୃତି ସହିତ ବିଦ୍ୟାପତି, ଲଳିତା, ଇନ୍ଦ୍ରଦ୍ୟୁମ୍ନ ଏବଂ ଶବର ରାଜା ବିଶ୍ୱାବସୁଙ୍କ ସମ୍ପର୍କ ଜନଶ୍ରୁତିରେ ନିବିଡ଼ ସମ୍ପର୍କ ରଖି କାଳଜୟୀ ହୋଇଛନ୍ତି। ଆଦିବାସୀମାନଙ୍କର ପୂଜ୍ୟ ଦେବତା ନୀଳମାଧବ



ଆମ ଜାତି, ଧର୍ମ ନିର୍ବିଶେଷରେ ଗୃହୀତ ଧର୍ମଦେବତା ରୂପରେ ପୂଜିତ। ଏହାର ଚିତ୍ରଣ ଶୈଳୀ ସରଳ ଓ ବକ୍ରରେଖା ସହିତ ଶ୍ୱେତ, ହରିଦ୍ରା, ଲାଲ ଓ କୃଷ୍ଣବର୍ଣ୍ଣର ବିଲେପନ ହିଁ ବହୁ ଶତବର୍ଷ ଧରି ପ୍ରଚଳନ ହୋଇଆସୁଛି। ଚିତ୍ରଣ ସାଧାରଣତଃ ମାଟି କାନ୍ଥ, କବାଟ, ଭୂମି, ଘର ସମ୍ମୁଖରେ ପଥର ଦେହରେ ନାନା ପ୍ରକାର ଲୋକକଳା ଅଙ୍କନ କରି ଭୂତ, ପ୍ରେତମାନଙ୍କ ଭୟରୁ ରକ୍ଷା ପାଇଁ ଓ ପୂର୍ବ ପୁରୁଷମାନଙ୍କ ପୂଜା ଉଦ୍ଦେଶ୍ୟରେ ଚିତ୍ର ଅଙ୍କନ କରିବା ଲାଗି ସେମାନେ ବିଶେଷ ଆଗ୍ରହ ଦେଖାଇଥାନ୍ତି। ଭାରତ ବର୍ଷର ଅନ୍ୟତମ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶାନ୍ତିନିକେତନର ରାମକିଙ୍କର ବେଜ ଏହି ଆଦିବାସୀ ସଂସ୍କୃତିରେ ବିଶେଷ ଭାବେ ଅନୁପ୍ରାଣିତ ହୋଇ ଏକ ବିଶାଳ ବ୍ରୋଞ୍ଜ ମୂର୍ତ୍ତି 'ସାନ୍ତାଳ ପରିବାର' ନିର୍ମାଣ କରିଛନ୍ତି। ଠିକ୍ ସେହିପରି ଶିଳ୍ପାଚାର୍ଯ୍ୟ ଗୁରୁ ନନ୍ଦଲାଲ ବୋଷଙ୍କ ଅସଂଖ୍ୟ ଚିତ୍ର ମଧ୍ୟରୁ 'ସାନ୍ତାଳଙ୍କ ସଂଯ ଅମଳର ନୃତ୍ୟ' ଚିତ୍ରଟି ଏକ ଅବଦାନ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ। ଓଡ଼ିଶାର ପ୍ରଖ୍ୟାତ ଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ 'ନବ ବସନ୍ତ' ଜଳରଙ୍ଗ ଚିତ୍ରଟି ଆଦିବାସୀ ରମଣୀ ପ୍ରାପ୍ତଯୌବନା ପ୍ରକୃତିର ପୁଷ୍ପକୁ ନିଜ ଖୋସାରେ ଖୋସୁଥିବା ଦୃଶ୍ୟଟି ପରମ ଉପଭୋଗ୍ୟ। ସେହିପରି ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଦ୍ୱାରା ଚିତ୍ରିତ 'ବନଫୁଲ'ରେ ଗୁଚ୍ଛ ଗୁଚ୍ଛ ଯୌବନରେ ଭରି ଯାଇଥିବା ଆଦିବାସୀ ଯୁବତୀ ନିଜ ନିଜର ଗୋପନ କଥାରେ ମଜ୍ଜିଯାଇଛନ୍ତି। ଏହିପରି ଓଡ଼ିଶାର ଅନେକ ବିଶିଷ୍ଟ ଚିତ୍ରକାରମାନେ ସେମାନଙ୍କ ନିହାଣ ତୁନ ଓ ତୁଳୀ ରଙ୍ଗ ମାଧ୍ୟମରେ ସୃଜନଶୀଳତାର ପରାକାଷ୍ଠା ଦେଖାଇଛନ୍ତି।

ଓଡ଼ିଶାର ଆଧୁନିକ ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଡ. ଦୀନନାଥ ପାଠୀଙ୍କ 'ଫସଲ ଅମଳର ସଙ୍ଗୀତ' ଓ ଶିବ ପାଣିଗ୍ରାହୀଙ୍କ ଅନେକ ସାଙ୍କେତିକଧର୍ମୀ ଆଦିବାସୀ ତୈଳଚିତ୍ର ଯଥାକ୍ରମେ କୋଲକାତା ଏକାଡେମୀ ଅଫ୍ ଫାଇନ୍ ଆର୍ଟସ ଏବଂ ଓଡ଼ିଶା ଲଳିତକଳା ଏକାଡେମୀର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ପୁରସ୍କୃତ ଓ ପ୍ରଶଂସିତ ହୋଇଛି। ସେହିପରି ଗ୍ରାଫିକ୍ ପ୍ରିଣ୍ଟ ମାଧ୍ୟମରେ ବରିଷ୍ଠ ଶିଳ୍ପୀ ରାମହରି ଜେନା, ଅଧ୍ୟାପକ ଡି.ଏନ୍. ରାଓ, ଏକ୍ରେଲିକ ରଙ୍ଗ ମାଧ୍ୟମରେ ଆଦିବାସୀ ଲୋକକଳାକୁ ଶିଳ୍ପୀ କାଶୀନାଥ ଜେନା ଚିତ୍ରିତ କରିଛନ୍ତି। ଆଦିବାସୀ ସଂସ୍କୃତି ଉପରେ ଓଡ଼ିଶାରେ ଅନେକ ଚିତ୍ରକଳା ପ୍ରଦର୍ଶନୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା, ସେମିନାର ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ସେହିପରି ଭୁବନେଶ୍ୱରଠାରେ ୱାର୍କି ଅଫ୍‌ଜିଷ୍ଟୁ ଆସୋସିଏସନ ଦ୍ୱାରା 'ଆଦିବାସୀ ସଂସ୍କୃତି' ଉପରେ ଜାତୀୟ ସେମିନାର ଓ ଆଲୋଚନାଚକ୍ର ନିୟମିତ ନିର୍ଦ୍ଦିଷ୍ଟ ସମୟରେ ଅନୁଷ୍ଠିତ ହୋଇଥାଏ। ଜନଜାତି ଜୀବନର ଏହି ଅମୂଲ୍ୟମୟ ଚିତ୍ରକଳା କଳା କ୍ଷେତ୍ରରେ ନୂତନ ସୃଜନର ସ୍ରୋତ ପ୍ରବାହିତ କରିବା ସହ ଅନେକ ଯଶସ୍ୱୀ କଳା ପ୍ରତିଭା, ଲୋକକଳା ସହ ଜନଜାତି, ଉତ୍କଳର ଆଦିବାସୀ ପରମ୍ପରାର ମନୋମୁଗ୍ଧକର କଳାକୃତି ଯୁଗେ ଯୁଗେ ସ୍ମରଣୀୟ।

**ବିଭବ, ଆଚାର୍ଯ୍ୟ କଲୋନି, ବାଲିଗୁଡ଼ା, କନ୍ଧମାଳ, ମୋ: ୯୪୩୭୨୪୨୩୭୩**

## ଏଇ ଭାରତରେ

ମହାରାଷ୍ଟ୍ରର ଆଦିତ୍ୟ ପିଙ୍ଗଲେ ସ୍ୱୟଂ ନିର୍ମାଣ କରିଥିବା ରୋବୋ କାଟନାଶକ ସ୍ପ୍ରେରେ ସାହାଯ୍ୟ କରୁଛି। ଏହା ୧୬ ଲିଟର କାଟନାଶକ ଏକାଥରକେ ନେଇ ପାରୁଛି। ଏହା ହାଲୁକା ଓ ଶସ୍ତା। ନାସିକ ଜିଲା ଅଡ଼ାନଖେଡ ଗାଁରେ ରହନ୍ତି ଆଦିତ୍ୟ। ତାଙ୍କୁ ବୟସ ଏବେ ୧୭। ସେ ନିର୍ମାଣ କରିଥିବା ରୋବୋ ୧୨ ଭୋଲ୍ଟ ରିଚାର୍ଜଯୋଗ୍ୟ ବ୍ୟାଟେରିରେ ଚାଲୁଛି। ଏହାକୁ ମୋବାଇଲ ଦ୍ୱାରା ନିୟନ୍ତ୍ରଣ କରାଯାଇପାରୁଛି। ଆଦିତ୍ୟ କୃଷକ ପରିବାରର ପିଲା ହୋଇଥିବାରୁ ସେ ଏଭଳି ଏକ ରୋବୋ ନିର୍ମାଣ କରିବାକୁ ଉତ୍ସାହୀ ହୋଇଥିଲେ। ପରେ ସେ ସାଲାମ ମୁମ୍ବାଇ ଫାଉଣ୍ଡେସନ ଦ୍ୱାରା ଦିଆଯାଉଥିବା ମୋବାଇଲ ମରାମତି ପ୍ରଶିକ୍ଷଣ ନେଇଛନ୍ତି। ଏହା ସହ ସେ ସେଠାରେ ରୋବୋ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଜାଣିବାକୁ ପାଇଥିଲେ। ରୋବୋ ନିର୍ମାଣରେ ତାଙ୍କ ସାଙ୍ଗ ପରାଶରାମ ଓ ଅଭିଜିତ ସହଯୋଗ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଅଗଷ୍ଟ ୧୯୭୬

- ଉତ୍ତର ପ୍ରଦେଶ ବିଧାନସଭାରେ ଲୋକପକ୍ଷ ବ୍ୟବସ୍ଥାପକ ଦଳର ମୁଖ୍ୟ ସଚେତକ ଅବସର ଅଦ୍ଧବନ୍ଦଙ୍କ ଭାରତୀୟ କ୍ରାନ୍ତି ଦଳର ସମସ୍ତ ପଦପଦବୀରୁ ଇସ୍ତଫା।
- କମ୍ପାନୀଠାରୁ ଲାଞ୍ଚ ଗ୍ରହଣ କରିଥିବା ଅଭିଯୋଗ ହେବା ପରେ ହଲାଣ୍ଡ ରାଜକୁମାର କର୍ଣ୍ଣାଡ ଲେଫ୍‌ଟ୍ ସୈନ୍ୟବାହିନୀର ଇନ୍‌ସପେକ୍ଟର ଜେନେରାଲ ପଦବୀରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ତୁ ଯେବେ ଆଗ ଯିବୁ କେସନ ମୁଁ ବଞ୍ଚିବି
ମରଣୁ ବଳି ପର
ଜୀବନର ଭାର ବହି।
ମରିବି ଯେବେ ଆଗ କେସନ ମୁଁ ମରିବି ଗୋ
ମରଣୁଁ ବଳି ତା'ର
ଅନ୍ଧକାର ଦଣ୍ଡିବି। -(ମରଣ ପାଲି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 2 | | | 4 | | | 6 |
| | 7 | | | 8 | | | | 2 |
| | | | | 7 | | | | |
| | | 5 | 6 | | 1 | | | |
| | | 9 | | | | 6 | 2 | |
| 8 | | | | 9 | | | | 4 |
| 3 | | | 5 | | | | 6 | 4 |
| | | 6 | | | | 1 | | 3 |
| 9 | | | 7 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 2 | 8 | 9 | 4 | 5 | 6 | 3 | 7 |
| 9 | 3 | 7 | 2 | 1 | 6 | 5 | 8 | 4 |
| 5 | 4 | 6 | 3 | 8 | 7 | 9 | 1 | 2 |
| 2 | 9 | 5 | 4 | 6 | 3 | 8 | 7 | 1 |
| 8 | 7 | 1 | 5 | 2 | 9 | 3 | 4 | 6 |
| 3 | 6 | 4 | 8 | 7 | 1 | 2 | 5 | 9 |
| 7 | 8 | 9 | 1 | 5 | 2 | 4 | 6 | 3 |
| 4 | 1 | 2 | 6 | 3 | 8 | 7 | 9 | 5 |
| 6 | 5 | 3 | 7 | 9 | 4 | 1 | 2 | 8 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବୁଲାକୁକୁରଙ୍କ ସଂଖ୍ୟା ବଢ଼ୁଛି

ମହାଶୟ,

ଗାଁ କିମ୍ବା ସହର ଯେଉଁଠି ଦେଖିବ ବୁଲା କୁକୁରଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ି ଚାଲିଛି। କୁକୁରମାନଙ୍କ ସଂଖ୍ୟା ବଢ଼ି ଚାଲିଥିବାରୁ ରାସ୍ତାରେ ଦଳେ ଦଳେ ଓ ମିଳିତ ବିକଟାଳ ରଡ଼ି ଜନଜୀବନକୁ ଅତିଷ୍ଠ କରିଲାଣି। ବୁଲା କୁକୁରମାନେ ବହୁ ସମୟରେ ପଥଚାରୀମାନଙ୍କୁ ଆକ୍ରମଣ କରି ଗୁରୁତର କରିଦେଉଛନ୍ତି। ଫଳରେ ଲୋକମାନେ ରାସ୍ତାରେ ଯିବାକୁ ଭୟ କଲେଣି। ଏବେ କୁକୁର କାମୁଡ଼ୁଛନ୍ତି ଯେ ମଣିଷମାନଙ୍କ ପକ୍ଷରେ ଏମାନଙ୍କୁ ଖାଇବାକୁ ଦେବା ସମ୍ଭବ ନୁହେଁ। କୁକୁରଙ୍କ ବନ୍ଧ୍ୟାକରଣ ନ ହେବା ଫଳରେ ଏମାନଙ୍କ ସଂଖ୍ୟା ଯେପରି ଭାବେ ବଢ଼ି ଚାଲିଛି ତାହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ଦିଲ୍ଲୀର ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ଏ ବିଷୟରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ତେଣୁ ଏବେ ଓଡ଼ିଶା ସରକାର ରାଜ୍ୟର ସହରଗୁଡ଼ିକରେ ବୁଲୁଥିବା କୁକୁରଙ୍କ ପାଇଁ କି ପଦକ୍ଷେପ ଗ୍ରହଣ କରିବେ ତାହାକୁ ଅପେକ୍ଷା।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପୂଜା ପାଇଲେ ଅଗ୍ରପୂଜ୍ୟ

ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଅବସରରେ ବୁଧବାର ଅଗ୍ରପୂଜ୍ୟ ବିଘ୍ନନାଶ ବିଘ୍ନରାଜଙ୍କ ପୂଜା ଯାଜପୁର ଜିଲାର ପୁରପଲ୍ଲୀ, ଶିକ୍ଷାନୁଷ୍ଠାନ ଓ ଯୁବକ ସଂଘରେ ପାଳିତ ହୋଇଛି। ପ୍ରାତଃ କାଳରୁ ପୂଜାମଣ୍ଡପରେ ବିଘ୍ନରାଜଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜା କରାଯାଇଛି। ପୂଜାମଣ୍ଡପଗୁଡ଼ିକୁ ଆକର୍ଷଣୀୟ ତୋରଣ ସହ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପ୍ରଭୁଙ୍କ ଆଶିଷ ଭିକ୍ଷା ପାଇଁ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଓ ପ୍ରବଚନ ଆଦି ଆୟୋଜନ କରାଯାଇଛି।


ଆର୍ଯ୍ୟନ କ୍ଲବ୍ ଗଣେଶ ପୂଜା, ଚୋରଦା ବାଇପାସ


ଗଣେଶ ପୂଜା କମିଟି, ଚୋରଦା ଛକ ବ୍ୟାସନଗର


ବରୀ ବ୍ଲକ୍ ଅଧୀନ ଅଲିବାଦ ଗ୍ରାମର ଗୋପବନ୍ଧୁ ସେବା ପରିଷଦ କ୍ଲବ୍।


ଚଣ୍ଡିଖୋଲ ଗଣେଶ ପୂଜା କମିଟି।


ଯାଜପୁର ସହରର ବଡ଼ବଜାର ଗଣେଶ ମେଢ଼।



ବିଏନ୍ ମହାନ୍ତି ଆସୋସିଏଟ୍ ଗଣେଶ ପୂଜାର କୋରେଇ ବିଧାୟକ ଆକାଶଦାସ ନାୟକ।


କାଳିଆପାଣି ଖଣି ଅଞ୍ଚଳର ଅନଳ ଗ୍ରାମ।


ବିଞ୍ଝାରପୁର ବ୍ଲକ୍ ମାଁସଡ଼ା ପଞ୍ଚାୟତର ଗୋକଳପୁରସ୍ଥିତ ପୂଜା ମଣ୍ଡପ।


ବରୀ ବ୍ଲକ୍‌ର ବାଲିବିଲ ଯୁବଶକ୍ତି ପରିଷଦ।


କାଳିଆପାଣି ମଲ୍ଲାରସାହି।


ଧର୍ମଶାଳା ବ୍ଲକ୍ ମୁକୁନ୍ଦପୁର ଗ୍ରାମ ବଜରଙ୍ଗ ୟୁଥ୍ କ୍ଲବ୍ ।


ଧର୍ମଶାଳା କଳିଙ୍ଗ କ୍ଲବ୍।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୁର୍ଗା ପ୍ରସାଦ


@ କ୍ଷୀରାବ୍ଧୀ ତନୟା


@ ପ୍ରଦୀପ୍ତ


@ ଭେଙ୍କେୟ୍


@ ସ୍ୱପ୍ନେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


ଜାରକା ଗଣେଶ ପୂଜା କମିଟି।


ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଆରୁଆ ପଞ୍ଚାୟତର ବାଟିଜଙ୍ଗା ଗଣେଶ ପୂଜା ମଣ୍ଡପ ବୁଲିବାକୁ ଆସିଛନ୍ତି।

# ଅଗ୍ରପୂଜ୍ୟଙ୍କୁ ଆରାଧନା


ରାଜନଗର ଗଳିଦାଣ୍ଡ।


କେନ୍ଦ୍ରାପଡ଼ା ଖଡ଼ିଅଙ୍ଗରେ ବୁଢ଼ା ଗଣେଶ।


ରାଜନଗର ନାରାୟଣ ଛକ।


ଆଳିରେ ପୂଜା ପାଉଥିବା ଗଣେଶ।


ପାରାଦୀପ ନୂଆବଜାର ସମ୍ରାଟ କ୍ଲବ।


ପାରାଦୀପରେ ଅଗ୍ରପୂଜ୍ୟଙ୍କ ଆରାଧନା।


ରଘୁନାଥପୁର ଜଗନ୍ନାଥପୁର ବଜାର ବଣିକ ସଂଘ।


ପାରାଦୀପରେ ମା' ଦୁର୍ଗା ୟୁଥ୍ କମ୍ବାଇନ୍ସର ନିର୍ମିତ ଶ୍ରୀମନ୍ଦିର ତୋରଣ।


ପାରାଦୀପରେ ପୂଜିତ ଗଣେଶ ମୂର୍ତ୍ତି।



ପାରାଦୀପ ୟୁଥ୍ କ୍ଲବ ପକ୍ଷରୁ ଖାଲି ପାଣିବୋତଲରେ ନିର୍ମିତ ତୋରଣ।



ତୋରଣରେ ଭାରତୀୟ ସେନାଙ୍କ ଫଟୋ।


ଏରସମା ବ୍ଲକ ପରିସରରେ ପ୍ରତିଷ୍ଠା ହୋଇଥିବା ଗଣେଶ ମୂର୍ତ୍ତି।


ରାଜକନିକାରେ ଗଜାନନଙ୍କ ପୂଜା।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୁର୍ଗା ପ୍ରସାଦ


@ କ୍ଷୀରାବ୍ଧୀ ତନୟା


@ ପ୍ରଦୀପ୍ତ


@ ଭେଙ୍କେୟା


@ ସ୍ୱପ୍ନେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ

ନୟାଗଡ,୨୭।୮ (ଲୋକନାଥ ମିଶ୍ର)

■ ଶ୍ରମ ଆଇନ ଜିଲାରେ ବାଟବଣା
■ ଅଣ ପଞ୍ଜୀକୃତ ଶ୍ରମିକଙ୍କ ସଂଖ୍ୟା ଅଧିକ
■ ବେଆଇନ ପଥର, ବାଲି ଖାଦାନରେ ବଢ଼ୁଛି ଶ୍ରମିକଙ୍କ ମୃତ୍ୟୁ

ନୟାଗଡ ଜିଲାରେ ଶ୍ରମିକଙ୍କ ସାମାଜିକ ସୁରକ୍ଷା ବିପନ୍ନ ହୋଇଛି। ଜିଲାରେ ପଥର ଓ ବାଲିଖାଦାନ ଅଧିକାଂଶ ବେଆଇନ ଭାବେ ଚାଲୁଛି। ଫଳରେ ସେଠାରେ କାର୍ଯ୍ୟରତ ଶ୍ରମିକ ଅଣପଞ୍ଜିକୃତ, ଅଶିକ୍ଷିତ ଓ ଗରୀବ ହୋଇଥିବାରୁ ଅଭିଶପ୍ତ ଜୀବଯାପନ କରୁଛନ୍ତି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ନିଯୁକ୍ତି ସର୍ତ୍ତାବଳୀକୁ ନିୟନ୍ତ୍ରଣ କରିବା ଓ ସେମାନଙ୍କ ସାମାଜିକ ନିରାପତ୍ତା ନିମନ୍ତେ ଅଣ ସଙ୍ଗଠିତ ଶ୍ରମିକ ଆଇନ ରହିଛି। ହେଲେ ଅଣସଙ୍ଗଠିତ ଶ୍ରମିକ ଓ ସେମାନଙ୍କ ଉପରେ ନିର୍ଭରଶୀଳଙ୍କୁ ସାମାଜିକ ନିରାପତ୍ତା ମିଳୁନି ବୋଲି ଅଭିଯୋଗ ହୋଇ ଆସୁଛି। ବେଆଇନ ଖଣି ଓ ଖାଦାନକୁ ଲୁଚାଇବାକୁ ଯାଇ ନୟାଗଡ଼ ଜିଲାରେ ବାଲି ଓ ପଥର ଖାଦାନରେ ମୃତ ଶ୍ରମିକଙ୍କ ମୃତ୍ୟୁକୁ ଭିନ୍ନ ଦର୍ଶାଯାଉଛି। କାରଣ ବଦଳି ଯାଉଥିବାରୁ ମୃତ ଶ୍ରମିକଙ୍କ ପରିବାର ଅଣସଙ୍ଗଠିତ ଶ୍ରମିକ ଆଇନର ପରିସର ଭୁକ୍ତ ହୋଇପାରୁ ନାହାନ୍ତି। ସଚେତନତା ଅଭାବରୁ ଶ୍ରମ ଆଇନ ବାଟବଣା ହୋଇ ଯାଉଛି।

ଅଣ ସଙ୍ଗଠିତ ଶ୍ରମିକମାନଙ୍କୁ ବୃତ୍ତି, ନିଯୁକ୍ତିର ପ୍ରକାର, ବିଶେଷ ଭାବେ ଗରୀବ ଶ୍ରେଣୀ ଓ ଚାକିରିଆ ଶ୍ରେଣୀ ଆଦି ୪ ଭାଗରେ ବିଭକ୍ତ କରାଯାଇଛି। ଏହି ବର୍ଗର ଶ୍ରମିକମାନଙ୍କ ପାଇଁ ସରକାର ଅନେକ ଯୋଜନା କରିଛନ୍ତି। ହେଲେ ଯୋଜନା ତଳସ୍ତରକୁ ଆସୁନାହିଁ। ଏପରିକି ଯୋଜନା ଅଛି ବୋଲି ଅନେକ ଜାଣନ୍ତି ନାହିଁ। କେତେଜଣ ଲୋକ ଧରାଧରି କରି ଏହାର ଫାଇଦା ନେବାରେ ବ୍ୟସ୍ତ। ସେପଟେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଶ୍ରମିକ ପରିଶ୍ରମ କରି ଯୋଜନାର ସୁଫଳ ପାଇ ପାରୁନି। ଏମାନଙ୍କ ପାଇଁ କୌଣସି ସଙ୍ଗଠନ ମଧ୍ୟ କାମ କରୁନାହିଁ। ଜିଲାରେ କଳା ମୁଗୁନି ଓ ମାଙ୍କଡା ପଥର ଖାଦାନ, କ୍ରଶର, ବାଲି ଖାଦାନ ରହିଛି। ଏଥିରୁ ଅଧିକାଂଶ ବେଆଇନ ଭାବେ ଚାଲିଛି। ବେଆଇନ ଭାବେ ଚାଲିଥିବା ଖାଦାନ ଓ ଖଣିରେ ଅଣ ପଞ୍ଜୀକୃତ ଶ୍ରମିକ କାମ କରୁଛନ୍ତି। ଏପରିକି ଲିଜ୍ ଖଣିରେ ମଧ୍ୟ ଅଣ ପଞ୍ଜୀକୃତ ଶ୍ରମିକ କାମ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚଢ଼ାଉ ଓ ଧରପଗଡ ନାହିଁ। ଏଣୁ ଆଇନ ଆଇନ ବାଟରେ ରହୁଛି ସବୁ ବେନିୟମ ଭାବେ ଚାଲିଛି। ଏନେଇ ଦଶପଲ୍ଲାର ରାମଚନ୍ଦ୍ର ନାୟକ, ଗଣିଆର ପବିତ୍ର ସ୍ୱାଇଁ, ଖଣ୍ଡପଡ଼ାର ଶ୍ରୀନିବାସ ପ୍ରଧାନ କୁହନ୍ତି, କାମ କରିବା ପାଇଁ ପଞ୍ଜୀକରଣ କରାଯିବା ନେଇ ଅନେକ ଶ୍ରମିକ ଜାଣନ୍ତି ନାହିଁ। ସେହିପରି ପଞ୍ଜୀକୃତ ଶ୍ରମିକଙ୍କୁ କାମରେ ଲଗାଇବାକୁ ଖଣି ଖାଦାନ ମାଲିକଙ୍କର ଆଗ୍ରହ ନାହିଁ। ଏଥିରେ ଝାମେଲା ରହିଛି ଓ ରିସ୍କ ଅଛି। କୌଣସି ଅଘଟଣ ଘଟିଲେ ମୃତକଙ୍କ ପରିବାରକୁ କିଛି କ୍ଷତିପୂରଣ ଦେଇ ମୃତ୍ୟୁର କାରଣ ବଦଳା ଯାଏ। ଏଥିପାଇଁ ଥାନାରେ କିଛି ଖର୍ଚ୍ଚ କରିବାକୁ ପଡେ। ବେନିୟମ କାର୍ଯ୍ୟକୁ ଲୁଚାଇବାକୁ ଏସବୁ ଚାଲେ। ହେଲେ ପ୍ରଶାସନ ପକ୍ଷରୁ ଏହାର ଠିକ ଯାଞ୍ଚ କରାଗଲେ ପ୍ରକୃତ ତଥ୍ୟ ଲୋକ ଲୋଚନକୁ ଆସନ୍ତା। କିନ୍ତୁ ବେନିମୟ କାର୍ଯ୍ୟରେ ତଳସ୍ତରରୁ ଉପରସ୍ତର ପର୍ଯ୍ୟନ୍ତ ସଂପୃକ୍ତି ରହୁଥିବାରୁ ଆଇନକୁ ଖୋଜିବାକୁ କେହି ନାହିଁ। ଏପରି କି ମୃତକଙ୍କ ପରିବାର ସଦସ୍ୟମାନେ କିଛି ଟଙ୍କା ପାଇଁ ମୃତ୍ୟୁର କାରଣ ବଦଳାଇବାକୁ ପଛାନ୍ତି ନାହିଁ। ସରକାରୀ ସହାୟତା ଆଇନ ଅନୁସାରେ ପାଇବା କଷ୍ଟକର ଜାଣି ଏଭଳି ପନ୍ଥା ବାଛି ନିଅନ୍ତି। ଏଣୁ ଶ୍ରମିକଙ୍କ ପରିବାର ଯୁଗେ ଯୁଗେ ଉପେକ୍ଷିତ ଓ ଅବହେଳିତ ହୋଇ ପଡୁଛନ୍ତି। ଏଥିରେ ପରିବର୍ତ୍ତନ କରିବା ମୁସ୍କିଲ ବୋଲି ସୂଚନା ଦେଇଛନ୍ତି।

ନୟାଗଡ଼ ଜିଲା ଶ୍ରମିକ ମହାସଂଘ ସଭାପତି ଶୂନ୍ୟ ବିଜୟୀ ମିଶ୍ର, ଶ୍ରମିକ ନେତା ବସୁଦେବ ମହାନ୍ତି କୁହନ୍ତି, ଶ୍ରମିକ ପ୍ରାଣ ହରାଇଲେ ଶ୍ରମ ବିଭାଗ ପର୍ଯ୍ୟନ୍ତ କଥା ଆସେନି। ସବୁ ଚାପରେ ଚେପା ହୋଇ ରହିଯାଏ। ଯଦି କେତେବେଳେ ଅଭିଯୋଗ ପହଞ୍ଚେ ତୁରନ୍ତ ଚାପି ଦିଅ ବୋଲି ପରାମର୍ଶ ମିଳେ। ଏଣୁ ଏଭଳିଆ ମୃତ୍ୟୁର ତଦନ୍ତକୁ ଶ୍ରମ ବିଭାଗ ଗୁରୁତ୍ୱ ଦିଏ ନାହିଁ। ବେଳେ ବେଳେ କେତେକ ସ୍ଥାନରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳେନା ବୋଲି କହିଛନ୍ତି। ଦଶପଲ୍ଲାର ପ୍ରକାଶ ନାୟକ କୁହନ୍ତି, ଗତ ୫ ବର୍ଷ ଭିତରେ ନୟାଗଡ଼ ଜିଲାରେ ୧୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ହେଲେ ସମସ୍ତଙ୍କ ମୃତ୍ୟୁର କାରଣ ବଦଳି ଯାଇଛି। କିନ୍ତୁ ସେମାନଙ୍କର ମୃତ୍ୟୁ ପଥର ଓ ବାଲି ଖାଦାନ ଯୋଗୁ ହୋଇଥିଲେ ମଧ୍ୟ ସତ ଲୁଚି ଯାଉଛି ବୋଲି ସେ କହିଛନ୍ତି।

## ଦୁର୍ଘଟଣା ପରେ ଘର ଭିତରକୁ ପଶିଗଲା କାର୍

ନୟାଗଡ଼,୨୭।୮ (ଲୋକନାଥ ମିଶ୍ର)

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ପୁରୁଣା ସହରରେ ଏକ କାର ଅନ୍ୟ କାରକୁ ଧକ୍କା ଦେଇ ବୁବୁନା ସାହୁ ନାମକ ଜଣେ ବ୍ୟକ୍ତିଙ୍କ ଘର ଭିତରକୁ ପଶି ଯାଇଛି । ଦୁର୍ଘଟଣା ପରେ ଡ୍ରାଇଭର ସମେତ ଅନ୍ୟ ଜଣେ ବ୍ୟକ୍ତି ଫେରାର ହୋଇଯାଇଛନ୍ତି । ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରି ନିଜ ହେପାଜତକୁ ନେଇଛି । ଦଶପଲ୍ଲା ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏହି କାର(ନଂ.ଓଆର୦୨ବିକେ ୨୫୨୦) ବିପରୀତ ପାର୍ଶ୍ୱ ନୟାଗଡ଼ ବଜାରରୁ ଆସୁଥିବା ଅନ୍ୟ ଏକ କାର(ନଂ.ଓଡି୦୨ବିୟୁ ୯୨୮୨)କୁ ଧକ୍କା ଦେବା ପରେ ଭାରସାମ୍ୟ ହରାଇ ବୁବୁନା ସାହୁଙ୍କ ଘରେ ପଶି ଯାଇଥିଲା । ତେବେ ଏହି ଦୁର୍ଘଟଣରେ କାହାର କୌଣସି କ୍ଷତି ହୋଇନାହିଁ । ହେଲେ ନୟାଗଡ଼ ବଜାରରୁ ଆସୁଥିବା କାରଟି ଭାଙ୍ଗିରୁଜି ଯାଇଛି । ଏ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।




ଦୁର୍ଘଟଣା ପରେ ଘର ଭିତରକୁ ପଶିଯାଇଥିବା କାର୍।

## ରଣପୁରରେ ଗଣେଶ ପୂଜା ମହୋତ୍ସବ ଆରମ୍ଭ



ରଣପୁର,୨୭।୮ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ପଞ୍ଚୁଦୋଳ ପଡ଼ିଆରେ ପ୍ରଗତି ଯୁବକ ସଂଘ ତରଫରୁ ୭୭ତମ ଗଣେଶ ପୂଜା ମହୋତ୍ସବ ବୁଧବାରଠାରୁ ଆରମ୍ଭ ହୋଇଛି। ଏହା ରଣପୁର ଅଞ୍ଚଳର ସର୍ବପୁରାତନ ଗଣେଶ ପୂଜା ମଣ୍ଡପ ହୋଇଥିବା ପ୍ରତିବର୍ଷ ଏଠାରେ ଓଡ଼ିଶାର ସୁନାମଧନ୍ୟ ଗାୟକଙ୍କୁ ନେଇ ବାଦୀପାଲା ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଏହି ପୂଜା ମହୋତ୍ସବ ୭ଦିନ ଚାଲିବ। ଏହି ଅବସରରେ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ବାଦୀପାଲା ଅନୁଷ୍ଠିତ ହେବ। ବାଙ୍କୀର ଗାୟକ ଜ୍ଞାନସୁଧା ଶାରଦା ପ୍ରସନ୍ନ ନାୟକଙ୍କ ସହିତ କଣାସର ଗାୟକ ତତ୍ତ୍ୱଭୂଷଣ ଲମ୍ବୋଦର ବେହେରା ବାଦୀପାଲା ପରିବେଷଣ କରିବେ। ସେହିଭଳି ୩୧ ଓ ୧ତାରିଖରେ ନୃତ୍ୟ ପ୍ରତିଯୋଗିତା, ସେପ୍ଟେମ୍ବର ୨ରେ ପ୍ରଗତି ଯୁବକ ସଂଘର କଳାକାରମାନଙ୍କୁ ନେଇ ସାମାଜିକ ନାଟକ ମଞ୍ଚସ୍ଥ ହେବ। ସେପ୍ଟେମ୍ବର ୩ତାରିଖ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ଘୋଷଣା କରାଯାଇଛି।

ଏହି ବାଦୀପାଲା ମଞ୍ଚକୁ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ ଉଦଘାଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି ଯୋଗଦେଇଥିଲେ। ବଣିକ ସଂଘ ସଭାପତି ତଥା ପୂଜା କମିଟି ଉପଦେଷ୍ଟା ଅର୍ଜ୍ଜୁନ ଶର୍ମା, ପ୍ରଗତି ଯୁବକ ସଂଘ ସମ୍ପାଦକ କୃଷ୍ଣ ଚନ୍ଦ୍ର ଦାଶ, ସଦସ୍ୟ ଲିଟୁ ସ୍ୱାଇଁ, ବିନୋଦ ରାଉତରାୟ, ଶଙ୍କର ଦୋରା, ବଳରାମ ଦାଶ, ଦୀପକ ମହାନ୍ତି, ସୁନୀଲ ପାତ୍ର, ଶିବୁ ସେଠୀ, ସୁଶାନ୍ତ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରଣପୁର, ଗୋପାଳପୁର, ସୁନାଖଳା, ଚାନ୍ଦପୁର, ଦର୍ପନାରାୟଣପୁର ସମେତ ରଣପୁର ଏନ୍ଏସି ହରିଜନ ସାହି, ଭଣ୍ଡାରୀ ସାହି, ଖୁଣ୍ଟିଆ ସାହି, ବଡ଼କୁଆ ସାହିରେ ଗଣେଶ ପୂଜା ଧୁମ୍‌ଧାମ୍‌ରେ ଅନୁଷ୍ଠିତ ହୋଇଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଦୁର୍ଗା ପ୍ରସାଦ



@ କ୍ଷୀରାବ୍ଧୀ ତନୟା



@ ଭେଙ୍କେୟ



@ ସ୍ୱପ୍ନେଶ୍ୱର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୟାଗଡ଼ରେ ଅଗ୍ରପୂଜ୍ୟଙ୍କ ଆରାଧନା



ଖଣ୍ଡପଡ଼ା ମହିଳା କଲେଜ।



ଦଶପଲ୍ଲା ଗଣେଶ ବଜାର।



ଓଡ଼ଗାଁ ଛାମୁସାହି।



ନୟାଗଡ଼ ବଣିକ ସଂଘ।



ନୟାଗଡ଼ ଟ୍ରକ୍ ଆସୋସିଏଶନ।



ଶରଣକୁଳ ସୁଆରସାହି ଗଣପତି କ୍ଲବ୍।



ନୂଆଗାଁ ଗଜାନନ କ୍ଲବ୍।



ନୟାଗଡ଼ କଚେରୀ ବଜାର ବ୍ୟବସାୟୀ ସଂଘ।

# ସଜେଇ ହେଉଛି ଜରିମେଢ଼

## ଆସିଛି ପାର୍ବଣ ଋତୁ

**ଯାଜପୁରଟାଉନ,୨୭।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଆସିଛି ପାର୍ବଣ ଋତୁ। ସେଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛନ୍ତି ଶିଳ୍ପୀ। ମାଟି ମୂର୍ତ୍ତି ଓ ଜରିମେଢ଼ କାରିଗରମାନେ ମୂର୍ତ୍ତି ଗଢ଼ିବାରେ ଲାଗି ପଡ଼ିଛନ୍ତି। ଏବେ ଗଣେଶ ପୂଜା ହେଉ ଅବା ଖୁଦୁରୁକୁଣୀ, ଦୁର୍ଗା, ଲକ୍ଷ୍ମୀ, କାଳୀ, କାର୍ତ୍ତିକ, ସରସ୍ୱତୀ ପ୍ରତ୍ୟେକ ପୂଜାରେ ମୂର୍ତ୍ତି ପଛପଟରେ ଏକ ଉଚ୍ଚ, ଝିକିମିକି ଗୋଲାକାର ସଦୃଶ ଜରିରେ ତିଆରି ସାମଗ୍ରୀ ଲଗାଯାଉଛି। ତାହାକୁ ସାଧାରଣତଃ ଜରି ମେଢ଼ ବୋଲି କୁହାଯାଉଛି। ତେବେ ଆଗକୁ ଦୁର୍ଗା ପୂଜା ଆସୁଥିବାରୁ ଏବେଠାରୁ ଏହି କାରିଗରମାନେ ଜରିମେଢ଼ ପ୍ରସ୍ତୁତି ଆରମ୍ଭ କରିଲେଣି।

ଭଳିକି ଭଳି ଡିଜାଇନର ଜରିମେଢ଼, ଝାଲେରୀ, ଗମ୍ବୁଜ, ମା'ଙ୍କ ମୁକୁଟ ସହିତ ବିଭିନ୍ନ ଗହଣା ପ୍ରସ୍ତୁତ କରୁଛନ୍ତି ଏହି କାରିଗରମାନେ। ରଙ୍ଗବେରଙ୍ଗ ଭେଲ୍‌ଭେଟ୍, ମାଳି, ଚୁମୁକି, ଚିକଚିକ୍ ଓ କାଚରେ ମେଢ଼କୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆଗେଇ ଚାଲିଛି କାମ। ଯାଜପୁର ସହରର ବସ୍‌ଷ୍ଟାଣ୍ଡ ନିକଟରେ ଶିଳ୍ପୀ ରବୀନ୍ଦ୍ରନାଥ ରଣା ଏହି ଜରିମେଢ଼ ପ୍ରସ୍ତୁତ କରୁଛନ୍ତି। ବୟସ ୭୧ ହେଲାଣି ତଥାପି ତାଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ବୟସ। ୧୯୭୬ରୁ ଶିଳ୍ପୀ ରଣା ଏହି ଜରିମେଢ଼ ପ୍ରସ୍ତୁତ କରି ଆସୁଛନ୍ତି। ବର୍ତ୍ତମାନ ତାଙ୍କୁ ଏହି କାମରେ ସାହାଯ୍ୟ କରୁଛନ୍ତି ତାଙ୍କ ତିନିପୁଅ। କେବଳ ସେତିକି ତାଙ୍କ ସ୍ତ୍ରୀ ଓ ପୁତ୍ରବଧୂମାନେ ମଧ୍ୟ ଜରିମେଢ଼ରେ ଲାଗୁଥିବା ସୋଲ ଓ ରଙ୍ଗୀନ କାଗଜରେ ତିଆରି ଫୁଲ ପାଖୁଡ଼ାର ବ୍ରୋଞ୍ଜ କାମ କରୁଛନ୍ତି।

ପ୍ରଥମେ ବାଉଁଶକୁ ଆଣି ମେଢ଼ ମାପରେ କାଟି ତାକୁ ବାଣିରେ ବନ୍ଧାଯାଇ ଏକ ଫ୍ରେମ୍ ପ୍ରସ୍ତୁତ କରାଯାଉଛି। ଏହି ବାଉଁଶ ତିଆରି ଫ୍ରେମ ଉପରେ ଅଠା ଓ ପେପରକୁ ଲଗାଯାଉଛି। ଏହାପରେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଝିକିମିକି କାଗଜର ବେଲପାଟି, ଗଦି, ଲତା, ଲିଟୁବୋର୍ଡ, ଜମ୍ବୁରାକୁ ଖଞ୍ଜି ଦିଆଯାଇ ପ୍ରସ୍ତୁତ ହେଉଛି ଜରିମେଢ଼। ଶିଳ୍ପୀ ରଣାଙ୍କ ପ୍ରସ୍ତୁତ ଏହି ଜରିମେଢ଼ ଯାଜପୁର ସମେତ ରାଉରକେଲା, ରାଇରଙ୍ଗପୁର, ଭଦ୍ରକ, କେନ୍ଦୁଝର, ଫୁଲବାଣୀ, ସମ୍ବଲପୁର, ଯାଜପୁରରୋଡ୍, କେନ୍ଦ୍ରାପଡ଼ା ଆଦି ବିଭିନ୍ନ ଜିଲ୍ଲା ଓ ସହରରେ ବିକ୍ରି ହେଉଛି। ପୂଜା କମିଟିର ଚାହିଦା ମୁତାବକ ଡିଜାଇନରେ ଜରିମେଢ଼ ପ୍ରସ୍ତୁତ କରାଯାଉଛି। ଏହି ଜରିମେଢ଼କୁ କିଏ ଭଡ଼ାରେ ନିଅନ୍ତି ତ ଆଉ କିଏ ସମ୍ପୂର୍ଣ୍ଣ କିଣି ନେଇଥାନ୍ତି। ଶିଳ୍ପୀମାନେ ଏତେ ସୁନ୍ଦର କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ କୁଶଳୀ କାରିଗର ମାନ୍ୟତା ମିଳିନାହିଁ। ସରକାରଙ୍କ ପକ୍ଷରୁ କୌଣସି ପ୍ରୋତ୍ସାହନ ମଧ୍ୟ ଦିଆଯାଉନାହିଁ। ଯଦି ସରକାରଙ୍କ ପକ୍ଷରୁ ସହଯୋଗ ମିଳନ୍ତା ତେବେ ଏହି କାର୍ଯ୍ୟ ଆହୁରି ଆଗକୁ ବଢ଼ିପାରନ୍ତା ବୋଲି ଶିଳ୍ପୀ ମହାରଣା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।


ଶିଳ୍ପୀ ରବୀନ୍ଦ୍ରନାଥ ରଣା ଜରିମେଢ଼ ପ୍ରସ୍ତୁତ କରୁଛନ୍ତି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଧର୍ମଶାଳା/ଚଢ଼େଇଧରା,୨୭।୮ (ବଟକୃଷ୍ଣ ପରିଡ଼ା/ଦିଲୀପ ପରିଡ଼ା):**

ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ସମ୍ପାରୁ ପଞ୍ଚାୟତ ତୁରଙ୍ଗ ଗ୍ରାମରେ ଭାଲୁ ଆକ୍ରମଣରେ ବୁଧବାର ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜଳଧର ଜେନାଙ୍କ ପୁଅ ଚିନ୍ମୟ ଜେନା(୩୨)। ଚିନ୍ମୟ ସକାଳୁ ଘରପାଖ କୁଆଁରିଆ ନାଳକୁ ଶୌଚହେବାକୁ ଯାଇଥିବାବେଳେ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ଚିନ୍ମୟଙ୍କ ସହ ଥିବା ଅନ୍ୟମାନେ ଭାଲୁକୁ ଦେଖି ଦୌଡି ପଳାଇ ଯାଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଭାଲୁ କବଳରୁ ଚିନ୍ମୟଙ୍କୁ ଉଦ୍ଧାର କରି ଏକ ବୋଲେରୋ ଗାଡ଼ିରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ଶରୀରରେ ଏକାଧିକ କ୍ଷତ ସୃଷ୍ଟି ହୋଇଥିବାରୁ ସେ ଅଚେତ ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ, ଅଞ୍ଚଳରେ ଭାଲୁଆତଙ୍କ ରହିଥିବା ଜାଣି ସୁଧା ବନ ବିଭାଗର ଅଧିକାରୀ କୌଣସି ସୁରକ୍ଷା ବ୍ୟବସ୍ଥା ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଘଟଣାସ୍ଥଳରୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୁଇ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ପୂର୍ବରୁ ସେହି ଗ୍ରାମରେ ଜଣେ ଯୁବକଙ୍କୁ ମଧ୍ୟ ଭାଲୁ ମରଣାନ୍ତକ ଆକ୍ରମଣ କରିଥିଲା। ଏହା ଭାଲୁ ଉପଦ୍ରବ ଅଞ୍ଚଳ ହୋଇଥିବାରୁ ବିଭାଗ ସ୍ୱତନ୍ତ୍ର ଭାବେ ସୁରକ୍ଷା ଦାୟିତ୍ୱ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।


ଯୁବକଙ୍କୁ ଆକ୍ରମଣ କରିଥିବା ଭାଲୁ।

# ବିଦ୍ୟୁତ୍ ଆଘାତରେ ଠିକାସଂସ୍ଥା କର୍ମଚାରୀ ଗୁରୁତର



**ଜେନାପୁର,୨୭।୮(ଅଶୋକ ଦାସ):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ାଛକ ନିକଟରେ ବୁଧବାର ବିଦ୍ୟୁତ୍ ଆଘାତରେ ଏମ୍‌ଏସ୍‌ଆଇଏଲ୍ ଠିକା ସଂସ୍ଥାର ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ରଙ୍ଗାଧର ମଳିକ(୬୫)। ରଙ୍ଗାଧର ଅପରାହ୍ଣରେ ଜାତୀୟ ରାଜପଥର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଲାଗିଥିବା ରାସ୍ତାର ମାପଚୁପ କରୁଥିଲେ। ଏହି ସମୟରେ ରଙ୍ଗାଧର ଧରିଥିବା ଏକ ଲୁହା ପାଇପ୍ ଅସବାଧନତା ଯୋଗୁ ସେଠାରେ ଥିବା ୩୩ କେଭି ଟ୍ରାନ୍ସଫର୍ମରରେ ଲାଗିଯାଇଥିଲା। ଫଳରେ ରଙ୍ଗାଧରଙ୍କ ଦେହରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେଠାରେ ସେ ଗୁରୁତର ହୋଇ ତଳେ ପଡ଼ି ଯାଇଥିଲେ। ତାଙ୍କ ଶରୀରର କିଛି ଅଂଶ ଜଳିଯାଇଥିଲା। ଏକଥା ଜାଣିବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ନିହାର ରଞ୍ଜନ କର ରଙ୍ଗାଧରଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ଠିକା ସଂସ୍ଥାର କର୍ମଚାରୀ ବିନା ସୁରକ୍ଷାରେ କାମ କରୁଥିବାରୁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ ହୋଇଛି। ଏ ଦିଗରେ ଠିକାସଂସ୍ଥା ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି।

# ସାର୍ ଦୋରାବ୍‌ଜୀ ଟାଟାଙ୍କ ଜୟନ୍ତୀ ପାଳିତ


ସାର୍ ଦୋରାବ୍‌ଜୀ ଟାଟାଙ୍କ ଜୟନ୍ତୀରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ।

**କଳିଙ୍ଗନଗର,୨୭।୮(ଶୁଭାଶିଷ ରାଉତ):**

ଟାଟା ଷ୍ଟିଲ କଳିଙ୍ଗନଗର(ଟିଏସ୍‌କେ) ପକ୍ଷରୁ ଡୁବୁରିସ୍ଥିତ ପ୍ଲାଣ୍ଟରେ ବୁଧବାର ସାର୍ ଦୋରାବଜୀ ଟାଟାଙ୍କ ୧୬୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର ସେଣ୍ଟରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସମାରୋହରେ ଟିଏସ୍‌କେର ଜେନେରାଲ ମ୍ୟାନେଜର (ଅପେରେସନ୍ସ)କରମବିର ସିଂ ମୁଖ୍ୟ ଅତିଥି ଓ ଟିଏସ୍‌କେ ୱାର୍କର୍ସ ୟୁନିୟନର ଅଧ୍ୟକ୍ଷ ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟିଏସ୍‌କେର ବରିଷ୍ଠ ଅଧିକାରୀ, ସଂଘ ପ୍ରତିନିଧି ଓ କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ। ସେହିପରି ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍), ଫେରୋ ଆଲଏଜ ପ୍ଲାଣ୍ଟ ବ୍ରାହ୍ମଣୀପାଳ ଓ ଫେରୋ ଆଲଏଜ ପ୍ଲାଣ୍ଟ ଯାଜପୁରରେ ମଧ୍ୟ ଟାଟାଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଏକ ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଯେଉଁଥିରେ କର୍ମଚାରୀମାନେ ସୁକିନ୍ଦା ବ୍ଲକର ଓଳିଆ ପଞ୍ଚାୟତ ଅନ୍ତର୍ଗତ ଧଉରାସାହି ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସହ ଗଣେଶ ପୂଜା ପାଳନ କରିଥିଲେ ଏବଂ ପିଲାମାନଙ୍କୁ ଉପହାର ବଣ୍ଟନ କରିଥିଲେ।

ସାର୍ ଦୋରାବଜୀ ଟାଟା ଟାଟା ଷ୍ଟିଲର ପ୍ରଥମ ଅଧ୍ୟକ୍ଷ ଥିଲେ। ସେ ପ୍ରଥମେ ୮ ଘଣ୍ଟିଆ କର୍ମ ସମୟ, ମାତୃତ୍ୱ ଛୁଟି, ଭବିଷ୍ୟନିଧି ପାଣ୍ଠି, ଦୁର୍ଘଟଣା କ୍ଷତିପୂରଣ, ମାଗଣା ଚିକିତ୍ସା ସହାୟତା ଏବଂ ଅନେକ କର୍ମଚାରୀ ସୁବିଧା ଆରମ୍ଭ କରିଥିଲେ। ସାର୍ ଦୋରାବ କ୍ରୀଡ଼ାପ୍ରତି ଖୁବ ଉତ୍ସାହୀ ଥିଲେ। ସେ ଭାରତୀୟ ଅଲିମ୍ପିକ୍ସ ସଂଘର ପ୍ରଥମ ସଭାପତି ଥିଲେ ଏବଂ ଅଲିମ୍ପିକ୍ସରେ ଭାରତର ଯୋଗଦାନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ କହିଥିଲେ।

# ବିକଶିତ ଓଡ଼ିଶା-୨୦୩୬ ଆଲୋଚନାଚକ୍ର ପାଇଁ ପ୍ରସ୍ତୁତି

**ଯାଜପୁରରୋଡ୍,୨୭।୮ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ଆନୁକୂଲ୍ୟରେ 'ବିକଶିତ ଓଡ଼ିଶା-୨୦୩୬: ସ୍ୱପ୍ନ ଓ ବାସ୍ତବତା ଏବଂ ଗଣ ସଂଗଠନମାନଙ୍କ ଭୂମିକା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏହା ସେପ୍ଟେମ୍ବର ୧ ତାରିଖ ପୂର୍ବାହ୍ନ ୧୧ଟାରେ ବ୍ୟାସଦେବ ଟାଉନ ହଲଠାରେ କରାଯିବ। ଯାଜପୁରର ବିଶିଷ୍ଟ ଓକିଲ ମଦନ ମୋହନ ସ୍ୱାଇଁଙ୍କ ୮୪ତମ ଜୟନ୍ତୀ ଅବସରରେ ହେବାକୁ ଥିବା ଏହି ଆଲୋଚନାଚକ୍ରରେ ଉଦ୍‌ଘାଟକ ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟ ଅତିଥିଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ମୁଖ୍ୟବକ୍ତା ପୂର୍ବତନ ଏମ୍‌ପି ସୌମ୍ୟ ରଞ୍ଜନ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ପାଟଣାର ବିଧାୟକ ଅଖିଳ ଚନ୍ଦ୍ର ନାୟକ ଏଂ ରାଜ୍ୟ ଜିଏସଟି ଯାଜପୁର ରେଞ୍ଜର ମୁଖ୍ୟ ସତ୍ୟନାରାୟଣ ପଣ୍ଡା ଯୋଗଦେବେ। ଆଲୋଚନାଚକ୍ରରେ ସମାଜରେ ପ୍ରତିଷ୍ଠିତ କେତେଜଣ ପ୍ରତିଭା ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏନେଇ ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତିଙ୍କ ପୌରୋହିତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସୋସିଏଶନ ଉପସଭାପତି ସସ୍ମିତା ସ୍ୱାଇଁ, ସମ୍ପାଦକ ଧନେଶ୍ୱର ବାରିକ, ଯୁଗ୍ମସମ୍ପାଦକ ଅଶୋକ ଶର୍ମା, କାର୍ଯ୍ୟକର୍ତ୍ତା ଦୁର୍ବାଦଳ ବସୁ, ହେମନ୍ତ ପଥାଳ, ମାନସ ରଞ୍ଜନ ସାମଲ, ରମାକାନ୍ତ ନନ୍ଦ, ରତିକାନ୍ତ ବେହେରା, ପ୍ରବୀର ରାଉତ ଓ ଚନ୍ଦନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ଯାଜପୁର ଜିଲାର ଓକିଲ ସମୂହ, ବିଭିନ୍ନ ଗଣ ସଂଗଠନର କାର୍ଯ୍ୟକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେବାକୁ ଆସୋସିଏଶନ ସଭାପତି ମହାନ୍ତି ଅନୁରୋଧ କରିଛନ୍ତି।



ବୈଠକରେ ଉପସ୍ଥିତ ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନର କର୍ମକର୍ତ୍ତା।

# ୩୦ରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା

**ରାଜନଗର,୨୭।୮(ଭାସ୍କର ରାଉତରାୟ)**

ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଭିଡ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଚଳିତ ମାସ ୩୦ରୁ ଆରମ୍ଭ ହେବ। ଏହା ୩ ଧରି ଚାଲିବ। ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ରାଜନଗର ରେଞ୍ଜର ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ ବୋଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁଙ୍କ ସୂଚନା ଦେଇଛନ୍ତି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି। ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆ ସମେତ ବାଲିଡିଆଠାରେ ଦେଶୀୟ ପକ୍ଷୀ ଭିଡ଼ ଜମାଇବା ସହ ବସାକରି ଅଣ୍ଡା ଦେଇଛନ୍ତି। ଗଣନାକାରୀ ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡ଼ପକ୍ଷୀ ଏବଂ କେତେ ପକ୍ଷୀ ଶାବକ ଅଛନ୍ତି ସେ ନେଇ ଟିକିନିକି ଭାବେ ଗଣନା କରିବେ। ଚଳିତ ବର୍ଷ ଠିକ ସମୟରେ ମୌସୁମୀ ବାୟୁ ଆସିଥିବାରୁ ଭିତରକନିକରେ ଦେଶୀୟ ପକ୍ଷୀ ଅଧିକ ସଂଖ୍ୟାରେ ଭିଡ଼ ଜମାଇଛନ୍ତି।

# ଗଣେଶ ପୂଜାରେ ବରିଷ୍ଠ ନାଗରିକଙ୍କ ମୁହଁରେ ହସ ଫୁଟିଲା

**ମହାକାଳପଡ଼ା,୨୭।୮(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଗଣେଶ ପୂଜାରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସୀ ବରିଷ୍ଠ ନାଗରିକ ନିବାସରେ ୨୫ ଅନ୍ତେବାସୀଙ୍କ ମୁହଁରେ ହସ ଫୁଟିଛି। ବଡ଼କୂଳ ପଞ୍ଚାୟତ ଗୋପୀନାଥପୁରସ୍ଥିତ ମେଧାବୀ ଛାତ୍ର ଦେବୀପ୍ରସାଦ ଦାସଙ୍କ ସ୍ମୃତି ମା'ମଙ୍ଗଳା ଗଣେଶ ପୂଜା କମିଟି ପକ୍ଷରୁ ସେମାନଙ୍କୁ ନୂଆ ବସ୍ତ୍ର ପ୍ରଦାନ ସହିତ ଭୂରିଭୋଜନରେ ଆପ୍ୟାୟିତ କରାଯାଇଛି। ଏହି ବରିଷ୍ଠ ନାଗରିକ ନିବାସରେ ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୨୫ ଜଣ ବରିଷ୍ଠ ଅନ୍ତେବାସୀ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ନିବାସ ପରିଚାଳକ ପବିତ୍ର କୁମାର ପରିଡ଼ା, କୁଞ୍ଜ ବିହାରୀ ଦାସ, ଜୀବନାନନ୍ଦ ସାହୁ, ସଂଗ୍ରାମ ସାମନ୍ତରାୟ, ଚିରଞ୍ଜିବୀ ବେହେରା, ସୁମନ୍ତ କୁମାର ସାହୁ, ସୌଭାଗ୍ୟ ବେଉରା, ଆଶୀର୍ବାଦ ବେହେରା, ନରେଶ ନାୟକ, ମାନସ ବେହେରା, ପ୍ରସନ୍ନ ସାମନ୍ତରାୟ, ସତ୍ୟ ରଞ୍ଜନ ଜେନାଙ୍କ ସମେତ ନିବାସ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଏହି ବରିଷ୍ଠ ନାଗରିକ ନିବାସ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ସଶକ୍ତିକରଣ ବିଭାଗ ଆର୍ଥିକ ଅନୁଦାନରେ ଜନ କଲ୍ୟାଣ ସେବା ସଂସ୍ଥା ପରିଚାଳନା କରୁଛି।

# ନିତାଇଗୌର ନୃତ୍ୟ ଅନୁଷ୍ଠାନ ଉଦ୍‌ଘାଟିତ



ଅନୁଷ୍ଠାନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ସିଂହପୁର,୨୭।୮ (ଅନଙ୍ଗ ଉଦୟ ବେଉରିଆ):**

କୁନିକୁନି ପିଲାଙ୍କ ନୃତ୍ୟ ଶିକ୍ଷଣ ପାଇଁ ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ପଞ୍ଚାୟତ ସମଲପୁର ଗାଁରେ ମଙ୍ଗୁ ଯେନା ଓ ଶଙ୍କର୍ଷଣ ବାରିକଙ୍କ ପ୍ରଚେଷ୍ଟାରେ ନିତାଇଗୌର ନୃତ୍ୟ ଅନୁଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି। ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲିକ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ପରେ ଏକ ସଭା ଆୟୋଜନ କରାଯାଇ କିପରି ଏହି ଅନୁଷ୍ଠାନ ଆଗକୁ ଯିବ ସେଥିପ୍ରତି ଆଲୋଚନା କରାଯାଇଥିଲା। ଅଞ୍ଚଳର ପିଲାମାନେ ପାଠପଢ଼ା ସାଙ୍ଗକୁ ନୃତ୍ୟ ଓ କଳା ଶିକ୍ଷଣ ପାଇଁ ଏଠାକୁ ଆସିବେ। ଭବିଷ୍ୟତରେ ସେମାନେ ଓଡ଼ିଶାର ଜଣେ ଜଣେ ବଡ଼ ପ୍ରତିଭା ହୋଇପାରିବେ ବୋଲି ବକ୍ତାମାନେ ମତ ରଖିଥିଲେ। ଅନୁଷ୍ଠାନ ଉଦ୍‌ଘାଟନୀ ଅବସରରେ ବିଡିଓ ହିତାଂଶୁ ଶେଖର ସାମଲ, କନିଷ୍ଠ ଯନ୍ତ୍ରୀ ଅମୂଲ୍ୟ ତ୍ରିପାଠୀ, କୈଳାସ ସେଠୀ, ସ୍ୱାମ୍ବାଦିକ ରାଣାପ୍ରତାପ ମହାପାତ୍ର, ସୁରେନ୍ଦ୍ର ସାମଲ, ପାର୍ଥସାରଥୀ ବାରିକ, ଶଙ୍କର୍ଷଣ ସାମଲ, ସାମାଜିକ କର୍ମୀ ପ୍ରଦୀପ ମଲ୍ଲିକ, ମୁକ୍ତିକାନ୍ତ ସାମଲ, ଗିରିଧାରୀ ଦାସ, ବିଧାୟିକାଙ୍କ ସୁରକ୍ଷା କର୍ମୀ ଗୋପୀନାଥ ଦଳେଇ ଓ ଶଙ୍କର୍ଷଣ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ ଏରସାଦ, ଜିଲାପରିଷଦ ସଭ୍ୟା ସୁନୀତା ନାୟକ ଓ କାଳୀପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଗଣେଶ ପୂଜା: ଯାଜପୁର ସହରରେ ସୁରକ୍ଷା କଡ଼ାକଡ଼ି

**ଯାଜପୁର ଟାଉନ,୨୭।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ବୁଧବାର ଗଣେଶ ପୂଜା ଆରମ୍ଭ ହୋଇଛି। ଯାଜପୁର ସହରରେ ୫୦ରୁ ଊର୍ଦ୍ଧ୍ୱ ମଣ୍ଡପରେ ପୂଜା ପାଉଛନ୍ତି ପ୍ରଭୁ ଗଜାନନ। ପୂଜାମଣ୍ଡପଗୁଡ଼ିକ ବେଶ ଆକର୍ଷଣୀୟ କରାଯାଇଛି। ତେଣୁ ପୂଜାକୁ ଦୃଷ୍ଟିରେ ରଖି ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ସହରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍ଥାନରେ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଜଣେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏସ୍‌ଡିପିଓ ପ୍ରଶାନ୍ତ ମାଝୀ ଓ ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ୩ ଇନ୍ସପେକ୍ଟର, ୨୨ ଏସ୍‌ଆଇ, ଏଏସ୍‌ଆଇ, ୫ ହାବିଲଦାର, ୩୫ କନଷ୍ଟେବଲ, ୬୯ ଗୃହରକ୍ଷୀ ଓ ପାଖାପାଖି ୧୩ ସେକ୍ସନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଭିଡ଼ରେ ଛିନ୍‌ତାଇକୁ ଦୃଷ୍ଟିରେ ରଖି ସାଧା ପୋଷାକରେ ପୋଲିସ ମୁତୟନ କରାଯାଇଛି। ଚାରି ଚକିଆ ଓ ବାଇକରେ ପୋଲିସ ପାଟ୍ରୋଲିଂ କରାଯାଇଛି। ନିଶାଶକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏସ୍‌ପି ପାତ୍ର ସୂଚନା ଦେଇଛନ୍ତି।

ସେହିପରି ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୨ ମଧ୍ୟରେ ଭସାଣି ଶେଷ କରିବା ପାଇଁ ପୋଲିସ, ଜିଲା ପ୍ରଶାସନ ଓ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତି ଅନୁଯାୟୀ ସମସ୍ତ ପୂଜାମଣ୍ଡପ ନିୟମ ପାଳନ କରିବା ସହିତ ଭସାଣି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ପରାମର୍ଶ ଦିଆଯାଇଛି। ଥାନା ପକ୍ଷରୁ ପୂଜା ମଣ୍ଡପଗୁଡ଼ିକୁ ଭସାଣି ପାଇଁ ଦିଆଯାଇଥିବା ସମୟ କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ନିର୍ଦ୍ଦିଷ୍ଟ ଶବ୍ଦ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପୂଜା ମଣ୍ଡପ ନିୟମ ଖିଲାପ କଲେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କହାଯାଇଛି।


ଯାଜପୁର ସହରର ଯୁବଶକ୍ତି କ୍ଲବ୍ ମେଢ଼।

# କ୍ଷେତରେ ଦିଶୁନାହିଁ ଧନିଚା, ନଳିତା ଚାଷ

## ନାମକୁମାତ୍ର ରହିଛି ଝୋଟ ଗବେଷଣା କେନ୍ଦ୍ର

### ଚଢ଼ା ଦରରେ ବଜାରରୁ ମଞ୍ଜି କିଣୁଛନ୍ତି ଚାଷୀ

କେନ୍ଦ୍ରାପଡ଼ା, ୨୭।୮ (ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଏବେ ଖରିଫ ଧାନ ଚାଷ ହେଉଥିବାବେଳେ ଏହି ସମୟରେ କ୍ଷେତରେ ଧନିଚା ଓ ନଳିତା ଚାଷ ଦେଖିବାକୁ ମିଳୁଥିଲା। ତେବେ ଚଳିତବର୍ଷର କ୍ଷେତରେ ଏହି ଦୃଶ୍ୟ ଦେଖିବାକୁ ମିଳୁନାହିଁ। କେନ୍ଦ୍ରାପଡ଼ା ବ୍ଲକ ଅଧୀନ ଜଜାଙ୍ଗସ୍ଥ ଝୋଟ ଗବେଷଣା କେନ୍ଦ୍ର ଅସ୍ତିତ୍ୱ ହରାଇବାକୁ ବସିଛି। କୃଷି ବିଭାଗ ପକ୍ଷରୁ ଉପଯୁକ୍ତ ସମୟରେ ବିହନ ମିଳୁନାହିଁ। ସେହିପରି ବଜାରରୁ ମିଳୁଥିବା ମଞ୍ଜି ଚଢ଼ା ଦରରେ ବିକ୍ରି ହେଉଛି। ଅଧିକାଂଶ ବିହନ ଉତ୍ପାଦନକ୍ଷମ ନୁହେଁ ବୋଲି ଚାଷୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗ ଗ୍ରାମର ଚାଷୀ ହରେକୃଷ୍ଣ ବେହେରା କହିଛନ୍ତି, ଏହି ଜିଲା ଏକଦା ଝୋଟ ଉତ୍ପାଦନ କ୍ଷେତ୍ରରେ ସୁନାମ ଆଣିଥିଲା। ଏପରି କି ଏହାର ପ୍ରଚାର, ପ୍ରସାର ସହିତ ଆର୍ଥିକ ସ୍ୱାବଲମ୍ବିତା ପାଇଁ କେନ୍ଦ୍ରାପଡ଼ା ବ୍ଲକ ଜଜାଙ୍ଗଠାରେ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ଏଠାରେ ମଧ ନୂତନ ୩ ପ୍ରକାର ନଳିତା ମଞ୍ଜି ସୃଷ୍ଟି କରି ବୈଜ୍ଞାନିକମାନେ ଚାଷୀଙ୍କ ଅର୍ଥନୀତିକୁ ସଚଳ କରିଥିଲେ। ଏହି ଗବେଷଣା କେନ୍ଦ୍ର ଏବେ ନାମକୁମାତ୍ର ରହିଛି। ପ୍ଲାଷ୍ଟିକର ଚାହିଦା ଓ ସରକାରୀ ପ୍ରୋତ୍ସାହନ ଅଭାବରୁ ଚାଷୀ ପାରମ୍ପରିକ ସବୁଜ ସାର ଭାବେ ପରିଚିତ ନଳିତା ଓ ଧନିଚା ଚାଷ ପ୍ରତି ଆଗ୍ରହ ଦେଖାଉନାହାନ୍ତି। ଚଢ଼ା ଦରରେ ଖୋଲା ବଜାରରୁ ବିହନ କ୍ରୟ ହେଉଥିବାବେଳେ ଗତବର୍ଷ ତୁଳନାରେ ୯୦ ପ୍ରତିଶତ ଚାଷ କମିଛି ବୋଲି ଚାଷୀମାନେ ମତ ଦେଇଛନ୍ତି। କୃଷକ ନେତା ବିଧୂ ଭୂଷଣ ମହାପାତ୍ର କହିଛନ୍ତି, ୨୦୦୫ ମସିହାରେ କେନ୍ଦ୍ରାପଡ଼ା ଜିଲାର ୨୧୫୨ ହେକ୍ଟର ଅଞ୍ଚଳରେ ନଳିତା ଚାଷ ହୋଇଥିଲା। ଜଳବାୟୁ, ମୃତ୍ତିକା ଏହି ଚାଷ ପାଇଁ ଉପଯୁକ୍ତ ଥିବାରୁ ୨୦୧୦ ମସିହାରେ ଏହାର ପ୍ରସାର ହୋଇ ୮ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ କ୍ଷେତରେ ଚାଷ ହୋଇଥିଲା। ଏହାକୁ ଲକ୍ଷ୍ୟ କରି ସହର ନିକଟସ୍ଥ ଜଜାଙ୍ଗଠାରେ ୪୬ ଏକର ଜମିରେ ଝୋଟ ଗବେଷଣାଗାର ପ୍ରତିଷ୍ଠା ହୋଇଥିଲା। ବିଭିନ୍ନ କିସମର ବିହନ ସହଯୋଗରେ ଏହି ଲଳିତା ଚାଷ ୨୦୧୪ରେ ୧୪ ହଜାର ହେକ୍ଟରକୁ ବୃଦ୍ଧି ପାଇଥିବା ବେଳେ ଗତ ୭ ବର୍ଷ ଧରି ଏହି ଗବେଷଣା କେନ୍ଦ୍ରରୁ ବିହନ ବିକ୍ରି ବନ୍ଦ ହୋଇଯାଇଛି। ଜିଲା ପାଇଁ ପ୍ରତିବର୍ଷ ପ୍ରାୟ ୩୦ କୁଇଣ୍ଟାଲ ବିହନ ଆବଶ୍ୟକ ଥିବାବେଳେ ଶେଷଥର ପାଇଁ ୨୦୧୮ ମସିହାରେ ମାତ୍ର ୨ କୁଇଣ୍ଟାଲ ବିହନ ଯୋଗାଣ ହୋଇଛି। ୭ ବର୍ଷ ଧରି ଗବେଷଣା କେନ୍ଦ୍ରର ବିକ୍ରୟ କେନ୍ଦ୍ରକୁ ବିହନ ଆସିବା ବନ୍ଦ ହୋଇଯାଇଛି। ପ୍ରାୟ ୯୦ ପ୍ରତିଶତ ଚାଷ ଜିଲାରେ କମିଛି।

ଡେରାବିଶର ହଳଧର ଦାଶ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ଶିଳ୍ପ, ଖଣି ଅଥବା ବୃହତ୍ ମଧ୍ୟମ ଧରଣର ଉଦ୍ୟୋଗ ନାହିଁ। କୃଷି ହିଁ ଏକମାତ୍ର ଜିଲାବାସୀଙ୍କ ପାଇଁ ଅର୍ଥନୀତିରେ ପରିଣତ ହୋଇଛି। ଏହି ଅର୍ଥକରୀ ଫସଲ ନଳିତା ଚାଷ ପ୍ରତି ସରକାରୀ ପ୍ରୋତ୍ସାହନ ଅଭାବ ଝୋଟ ଚାଷକୁ ବିମୁଖ କରୁଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ପ୍ଲାଷ୍ଟିକ ଅଖା ପ୍ରଚଳନ ବନ୍ଦ କରାଯାଇ ଝୋଟ ବ୍ୟାଗକୁ ପ୍ରୋତ୍ସାହିତ କରାଯିବା ଦରକାର। ଏହାସତ୍ତ୍ୱେ ସରକାରୀ ସହଯୋଗ ମିଳୁନାହିଁ। ଚଳିତ ବର୍ଷ ୧୨ ଏକର ଜମିରେ ନଳିତା ଚାଷ କରିଥିବା କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତର ନିରଞ୍ଜନ ପରିଡା କହିଛନ୍ତି, କେନ୍ଦ୍ରାପଡାର ମାଟି ନଳିତା ଚାଷ ପାଇଁ ଉପଯୁକ୍ତ। ଏହି ଚାଷ କରି କୋଲକାତାକୁ ଝୋଟ ପଠାଇବା ସହିତ ମିଠା ଓ ପିତା ନଳିତା ବିକ୍ରି ହେଉଥିଲା। ଏଥିସହ ଦୀପାବଳିରେ କାଉଁରିଆ କାଠି ବିକ୍ରି କରାଯାଇ ହାତକୁ ବେଶ୍ ଦୁଇ ପଇସା ଆସୁଥିଲା। କୃଷି ବିଭାଗର ଅପାରଗତା ଯୋଗୁ ଚଳିତବର୍ଷ ବିହନ ମିଳିବା ସମ୍ଭବ ହେଲାନାହିଁ। ଫଳରେ ଖୋଲା ବଜାରରୁ ଆଣିଥିବା ବିହନରୁ ଉପଯୁକ୍ତ ଅମଳ ମିଳିବ ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ପାରିପଙ୍ଗରାର ସରସ୍ୱତୀ ସାମଲ କହିଛନ୍ତି, ଗ୍ରାମରେ ଝୋଟକୁ ବ୍ୟବହାର କରି ବିଭିନ୍ନ ଘରକରଣା ସାମଗ୍ରୀ ତିଆରି ହୁଏ। ସ୍ୱୟଂ ସହାୟିକା ଗୋଷ୍ଠୀର ୬୦ରୁ ଊର୍ଦ୍ଧ୍ୱ ମହିଳା ଏହାକୁ ପରିଚାଳନା କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ଝୋଟ ନ ଥିବାରୁ ବାହାର ଜିଲାରୁ ଏହାକୁ କ୍ରୟ କରିବାକୁ ପଡୁଛି। ଝୋଟ ତିଆରି ସାମଗ୍ରୀ ପ୍ରତିଦ୍ୱନ୍ଦ୍ୱୀ ବଜାରରେ ସୁଲଭ ମୂଲ୍ୟରେ ମିଳିପାରୁନାହିଁ। ଫଳରେ ଗୋଷ୍ଠୀ ଉତ୍ପାଦର ଲାଭାଂଶ କମିଯାଉଛି।

# ୩୦ରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା

ରାଜନଗର, ୨୭।୮ (ଭାସ୍କର ରାଉତରାୟ)

ବିଶ୍ୱପ୍ରସିଦ୍ଧ ଭିତରକନିକାରେ ଭିଡ଼ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ଚଳିତ ମାସ ୩୦ରୁ ଆରମ୍ଭ ହେବ। ଏହା ୩ ଧରି ଚାଲିବ। ଭିତରକନିକା ଜାତୀୟ ଉଦ୍ୟାନର ମଠଆଡିଆ, ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ଥିବା ରାଜନଗର ରେଞ୍ଜର ବାଲିଡିଆରେ ଦେଶୀୟ ପକ୍ଷୀଙ୍କ ଗଣନା କରାଯିବ ବୋଲି ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁଙ୍କ ସୂଚନା ଦେଇଛନ୍ତି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରଠାରୁ ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି। ଭିତରକନିକାର ମଠଆଡିଆ, ଦୁର୍ଗାପ୍ରସାଦଡିଆ ଓ ଲକ୍ଷ୍ମୀପ୍ରସାଦଡିଆ ସମେତ ବାଲିଡିଆଠାରେ ଦେଶୀୟ ପକ୍ଷୀ ଭିଡ଼ ଜମାଇବା ସହ ବସାକରି ଅଣ୍ଡା ଦେଇଛନ୍ତି। ଗଣନାକାରୀ ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡ଼ପକ୍ଷୀ ଏବଂ କେତେ ପକ୍ଷୀ ଶାବକ ଅଛନ୍ତି ସେ ନେଇ ଟିକିନିକି ଭାବେ ଗଣନା କରିବେ। ଚଳିତ ବର୍ଷ ଠିକ ସମୟରେ ମୌସୁମୀ ବାୟୁ ଆସିଥିବାରୁ ଭିତରକନିକରେ ଦେଶୀୟ ପକ୍ଷୀ ଅଧିକ ସଂଖ୍ୟାରେ ଭିଡ଼ ଜମାଇଛନ୍ତି।

# ଚିକିତ୍ସା ନିମନ୍ତେ ଅର୍ଥ ସାଜିଛି ବାଧକ

## ଯୁବକଙ୍କ ୨ କିଡ୍‌ନୀ ନଷ୍ଟ ପରେ ଦୁଃଖ

ରାଜକନିକା, ୨୭।୮ (ସଞ୍ଜୟ କୁମାର ଦାଶ)



ପ୍ରକାଶ ପରିଡ଼ା

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପାରିନୂଆପଡା-ହାବଳଗଣ୍ଡ ପଞ୍ଚାୟତ ପାରିନୂଆପଡା ଗାଁର ମୋହନା ପରିଡ଼ାଙ୍କ ଏକମାତ୍ର ପୁଅ ପ୍ରକାଶ ପରିଡା (୨୩)ଙ୍କ ୨ଟି କିଡ୍‌ନୀ ନଷ୍ଟ ହୋଇ ଯାଇଥିବାରୁ ତାଙ୍କ ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ରହିଛି। ଏଥିପାଇଁ ପରିବାର ଲୋକେ ଭାଙ୍ଗିପଡିଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ଆକୁଳ ନିବେଦନ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରକାଶ ବେଙ୍ଗାଲୁରରେ ରହି କାମ କରି ଦିପଇସା ରୋଜଗାର କରୁଥିଲେ। ହେଲେ ତାଙ୍କ ଦେହ ଅସୁସ୍ଥ ହେବାରୁ ଘରକୁ ଫେରି ଆସି ଡାକ୍ତରଙ୍କୁ ପରାମର୍ଶ କରିଥିଲେ। ପରୀକ୍ଷା ନିରୀକ୍ଷା ପରେ ତାଙ୍କର ଦୁଇଟି କିଡ୍‌ନୀ ନଷ୍ଟ ହୋଇଯାଇଥିବା ଜାଣିବାକୁ ପାଇଲେ। ପୁଅର ଏପରି ଅବସ୍ଥା ଜାଣି ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି। ଉଚ୍ଚତର ଚିକିତ୍ସା ନିମନ୍ତେ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଅଛି ବୋଲି ଡାକ୍ତର କହିଛନ୍ତି। ହେଲେ ଏତେ ଟଙ୍କା ଆସିବ କୁଆଡୁ। ପ୍ରକାଶଙ୍କ ବାପା ଜଣେ ଦିନ ମଜୁରିଆ ଭାବେ କାମ କରନ୍ତି। ଏତେ ଟଙ୍କା ସଂଗ୍ରହ କରିବା ତାଙ୍କ ପକ୍ଷେ କାଠିକର ପାଠ। ଇତିମଧ୍ୟରେ ଧାରକରଜ, ନିଜର ଯାହାଥିଲା ବିକି ଭାଙ୍ଗି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପ୍ରକାଶଙ୍କ ଚିକିତ୍ସା ଆରମ୍ଭ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରକାଶଙ୍କ ମାଆ ସଙ୍ଗୀତା ପୁଅ ପାଇଁ ନିଜର ଏକ କିଡ୍‌ନୀ ଦେବାକୁ ଅଣ୍ଟା ଭିଡିଛନ୍ତି। ହେଲେ କିଡ୍‌ନୀ ପ୍ରତିରୋପଣ କରିବା ନିମନ୍ତେ ଅର୍ଥର ଆବଶ୍ୟକତା ପଡିଛି। ଏପରି ସ୍ଥଳେ ଗାଁର ସଚେତନ ବ୍ୟକ୍ତି ସୋସିଆଲ ମିଡ଼ିଆରେ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ସହୃଦୟ ବ୍ୟକ୍ତିମାନେ ସହାୟତା ଦେବାକୁ ଏହି ପରିବାର ସଦସ୍ୟମାନେ ଅନୁରୋଧ କରିଛନ୍ତି।

# ଅଗ୍ରପୂଜ୍ୟଙ୍କ ପୂଜା ଧୁମଧାମରେ ପାଳିତ

ରଘୁନାଥପୁର, ୨୭।୮ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ଜଗନ୍ନାଥପୁର ବଜାର ବଣିକ ସଂଘ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଅଗ୍ରପୂଜ୍ୟଙ୍କ ପୂଜାବିଧି ପାଳିତ କରାଯାଉଛି। ଏହି ଅବସରରେ ମଧ୍ୟାହ୍ନରେ ପ୍ରଭୁଙ୍କ ପାଣିତୋଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏକ ବିରାଟ ପଟୁଆରରେ ବ୍ୟବସାୟୀ ଭାଇମାନେ ବାଜା, ଘଣ୍ଟ, ଶଙ୍ଖ ବଜାଇ ବଜାର ପରିକ୍ରମା କରି ନିକଟସ୍ଥ ତାଳଦଣ୍ଡା କେନାଲରୁ ଜଳ ଆଣି ଘଟ ସ୍ଥାପନ କରିଥିଲେ। ଦୀର୍ଘ ୧୨୦ବର୍ଷରୁ ଊର୍ଦ୍ଧ୍ୱ ଏହି ମଣ୍ଡପରେ ଶୋଡଶ ଉପଚାର ପୂଜାବିଧିରେ ପ୍ରଭୁ ଗଜାନନଙ୍କୁ ଆବାହନ କରାଯାଇ ମର୍ଣ୍ମୟ ମୂର୍ତ୍ତିକୁ ପୂଜା କରାଯାଉଛି। ଏହି ପୂଜା ୫ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ଶ୍ରଦ୍ଧାଳୁଙ୍କ ମନ ମୋହୁଛି। ଆସନ୍ତା ରବିବାର ଏହାର ଭସାଣି କାର୍ଯ୍ୟକ୍ରମ ରହିଛି ବୋଲି ସଭାପତି ମଦନମୋହନ ଜେନା ଓ ସମ୍ପାଦକ ପ୍ରଭାକର ଖଟୁଆ ପ୍ରକାଶ କରିଛନ୍ତି। ସେହିପରି ରଘୁନାଥପୁର ବଡ ବଜାର ବଣିକ ସଂଘ, ହାଟ ବଜାର, ଜଗନ୍ନାଥପୁର ମହେନ୍ଦ୍ର ସାହୁ ଛକ ଓ ବଣିକ ସଂଘ ପକ୍ଷରୁ ପ୍ରଭୁ ଗଜାନନଙ୍କ ପୂଜା ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି।

# ୭ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ୨ ଶିକ୍ଷୟିତ୍ରୀ



## ଭରତପୁର ପ୍ରାଥମିକ ବିଦ୍ୟାଳୟ

### ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ

କେନ୍ଦ୍ରାପଡ଼ା, ୨୭।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ବ୍ଲକ ଭରତପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦେଖାଦେଇଛି। ଏଥିପାଇଁ ଶିକ୍ଷାର୍ଥୀଙ୍କ ଶିକ୍ଷାଦାନରେ ଗୁରୁତର ବାଧା ସୃଷ୍ଟି ହୋଇଛି। ୧୯୧୫ ମସିହାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟରେ ସର୍ବଦା ଆବଶ୍ୟକ ସଂଖ୍ୟକ ଶିକ୍ଷକ ରହି ଆସିଥିଲେ। ଏବେ ପ୍ରାୟ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କରାଯାଇ ପାରୁନାହିଁ। ୭ଶ୍ରେଣୀର ୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ଏପରି ଅଭିଯୋଗ ଗ୍ରାମବାସୀଙ୍କ ପକ୍ଷରୁ ଜିଲାପାଳଙ୍କୁ ମଙ୍ଗଳବାର କରାଯାଇଛି। ଏ ସମ୍ପର୍କରେ ଅଭିଭାବକ ଚିତ୍ତରଞ୍ଜନ ଦାସ, ପ୍ରବୋଧ କୁମାର ଦାସ, ସଞ୍ଜୟ କୁମାର ଦାସ, ବିଭୂତି ଭୂଷଣ ମହାନ୍ତି, ନନ୍ଦକିଶୋର ବେହେରା, ଦୀନବନ୍ଧୁ ସାହୁ, ବୈରାଗୀ ଚରଣ ସାହୁ, ଗୋପାଳ ଚରଣ ଦାସ ପ୍ରମୁଖ କହିଛନ୍ତି, ପ୍ରଥମ ଶ୍ରେଣୀରୁ ୫ମ ପର୍ଯ୍ୟନ୍ତ ୫ଟି ଶ୍ରେଣୀର ୬୦ରୁ ଊର୍ଦ୍ଧ୍ୱ ଶିକ୍ଷାର୍ଥୀଙ୍କ ପାଇଁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଅଛନ୍ତି।

ଅନ୍ୟପକ୍ଷରେ ସରକାରୀ ଅନୁଦାନ ପ୍ରାପ୍ତ ଭରତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (ମଧ ଇଂରାଜୀ)ର ଏକମାତ୍ର ଶିକ୍ଷକ ଗତ ମାର୍ଚ୍ଚ ୩୧ତାରିଖରେ ଅବସରଗ୍ରହଣ କରିବା ପରେ ସେହି ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ଭରତପୁର ପ୍ରାଥମିକ ବିଦ୍ୟାଳୟ ସହ ମିଶ୍ରଣ କରି ଦିଆଯାଇଛି। ଷଷ୍ଠ ଓ ସପ୍ତମ ୨ଟି ଶ୍ରେଣୀରେ ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ରହିଛନ୍ତି। ପିଲାଙ୍କ ସଂଖ୍ୟା ଅନୁଯାୟୀ ଶିକ୍ଷାଦାନ ପାଇଁ ବିଭାଗ ପକ୍ଷରୁ କୌଣସି ଶିକ୍ଷକଙ୍କୁ ଅଦ୍ୟାବଧି ନିଯୁକ୍ତି ପ୍ରଦାନ କରାଯାଇନାହିଁ। ଫଳରେ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୭ଟି ଶ୍ରେଣୀର ୯୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ପାଇଁ ମାତ୍ର ୨ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଫଳରେ ଦୈନିକ ଶିକ୍ଷାଦାନରେ ବାଧାସୃଷ୍ଟି ହୋଇଛି। ଏ ନେଇ କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲା ଶିକ୍ଷାଧିକାରୀଙ୍କୁ ବାରମ୍ବାର ନିବେଦନ ପରେ ମଧ ସୁଫଳ ମିଳିନାହିଁ। ଭରତପୁର ପ୍ରାଥମିକ ବିଦ୍ୟାଳୟର ଶିକ୍ଷାର୍ଥୀଙ୍କ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଶିକ୍ଷା ବିଭାଗ ପକ୍ଷରୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଆବଶ୍ୟକ। ଏ ନେଇ ଆସନ୍ତା ୭ ଦିନ ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଶିକ୍ଷାର୍ଥୀ, ଅଭିଭାବକ ଓ ଗ୍ରାମବାସୀ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ବ୍ଲକ ପରିସରରେ ଗଣେଶ ବିଗ୍ରହ ପ୍ରତିଷ୍ଠା

ଏରସମା, ୨୭।୮ (ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ପରିସରରେ ବୁଧବାର ଶ୍ରୀଗଣେଶଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜା ଅବସରରେ ବିଡିଓ ଦାଶରଥି ଜେନାଙ୍କ ତତ୍ତ୍ୱାବଧାନରେ ସାଢେ ୩ ଫୁଟ ଉଚ୍ଚ ବିଶିଷ୍ଟ ଗଣେଶ ବିଗ୍ରହ ପ୍ରବେଶ ପଥରେ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା କରାଯାଇଛି। ଏଥିରେ ମଣ୍ଡଳ ବିତ୍ତ ଅଧିକାରୀଣୀ ପ୍ରତିମା ସାହୁ, ଅର୍ଥ ଅଧିକାରୀ ତ୍ରିଲୋଚନ ପରିଡା, ଜିପିଓ ବିଘ୍ନେଶ ବେହେରା, ବରିଷ୍ଠ ଯନ୍ତ୍ରୀ ସୁବାସ ସାହୁ, ଜପା ସରପଞ୍ଚଙ୍କ ପ୍ରତିନିଧି ନିଶାକର ରାଉତ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ନଳିନୀ ରଞ୍ଜନ ମନ୍ତ୍ରୀ, ହୃଷୀକେଶ ରାଉତରାୟ, ବିପିଏମ୍ ଅନିତା ସ୍ୱାଇଁ, ଜ୍ଞାନ ରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଠିକାସଂସ୍ଥା କର୍ମଚାରୀ ଗୁରୁତର

ଜେନାପୁର, ୨୭।୮ (ଅଶୋକ ଦାସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର କନ୍ତପଡ଼ାଛକ ନିକଟରେ ବୁଧବାର ବିଦ୍ୟୁତ୍ ଆଘାତରେ ଏମ୍‌ଏସ୍‌ଆଇଏଲ୍ ଠିକା ସଂସ୍ଥାର ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ଗ୍ରାମର ରଙ୍ଗାଧର ମଲିକ(୬୫)। ରଙ୍ଗାଧର ଅପରାହ୍ଣରେ ଜାତୀୟ ରାଜପଥର ବିଦ୍ୟୁତ୍ କାର୍ଯ୍ୟାଳୟକୁ ଲାଗିଥିବା ରାସ୍ତାର ମାପଚୁପ କରୁଥିଲେ। ଏହି ସମୟରେ ରଙ୍ଗାଧର ଧରିଥିବା ଏକ ଲୁହା ପାଇପ୍ ଅସବାଧନତା ଯୋଗୁ ସେଠାରେ ଥିବା ୩୩ କେଭି ଟ୍ରାନ୍ସଫର୍ମରରେ ଲାଗିଯାଇଥିଲା। ଫଳରେ ରଙ୍ଗାଧରଙ୍କ ଦେହରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ସେଠାରେ ସେ ଗୁରୁତର ହୋଇ ତଳେ ପଡ଼ି ଯାଇଥିଲେ। ତାଙ୍କ ଶରୀରର କିଛି ଅଂଶ ଜଳିଯାଇଥିଲା। ଏକଥା ଜାଣିବା ପରେ ବିଦ୍ୟୁତ୍ ବିଭାଗ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ନିହାର ରଞ୍ଜନ କର ରଙ୍ଗାଧରଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦେଇଥିଲେ। ଠିକା ସଂସ୍ଥାର କର୍ମଚାରୀ ବିନା ସୁରକ୍ଷାରେ କାମ କରୁଥିବାରୁ ଏଭଳି ଘଟଣା ଘଟିଲା ବୋଲି ଅଭିଯୋଗ ହୋଇଛି। ଏ ଦିଗରେ ଠିକାସଂସ୍ଥା ଅଧିକାରୀ ଦୃଷ୍ଟିଦେବାକୁ ଦାବି ହୋଇଛି।

# ପାରାଦୀପର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

ପାରାଦୀପ, ୨୭।୮ (ଶରତ ରାଉତ)

ପାରାଦୀପର ବିଭିନ୍ନ ସ୍ଥାନରେ ବୁଧବାର ଗଣେଶ ପୂଜା ଅନୁଷ୍ଠିତ ହୋଇଛି। ଚଳିତ ଥର କେତେକ ଆୟୋଜକ ନୂଆ ଭାବେ ତୋରଣ ସଜାଇଛନ୍ତି। ସେମାନଙ୍କ ମଧ୍ୟରେ ନୂଆବଜାର ସମ୍ରାଟ କ୍ଲବ ପକ୍ଷରୁ ନିର୍ମିତ ହୋଇଛି ଲେଜ୍ ଦ୍ୱାରା ମଣ୍ଡପ। ପିଲାଙ୍କ ଖାଇବା ଲେଜ୍ ପ୍ୟାକେଟରେ ସମ୍ପୂର୍ଣ୍ଣ ତୋରଣ କରାଯାଇଛି। ସେହିପରି ମଧୁବନର ପାରାଦୀପ ୟୁଥ କ୍ଲବ ପକ୍ଷରୁ ପ୍ଲାଷ୍ଟିକ ପାଣି ବୋତଲରେ ନିର୍ମିତ ହୋଇଛି ତୋରଣ ଏବଂ ବର୍ଜ୍ୟବସ୍ତୁ ଦ୍ୱାରା କରାଯାଇଛି ମୂର୍ତ୍ତି। ମଣ୍ଡପ ଭିତରେ ଅପରେସନ ସିନ୍ଦୂର ପ୍ରତିଛବି ରହିଛି। ସେହିପରି ମଧୁବନର ଦୁର୍ଗାବାହିନୀ କ୍ଲବ ପକ୍ଷରୁ ଜଗନ୍ନାଥ ମନ୍ଦିର ଭଳି ତୋରଣ ଓ ମୂର୍ତ୍ତି କରାଯାଇଛି। ଏମିତି ଅନେକ ସ୍ଥାନରେ ଭିନ୍ନ ଭିନ୍ନ ଆକର୍ଷଣୀୟ ମୂର୍ତ୍ତି ଓ ମଣ୍ଡପ ହୋଇଛି।

# ଗଣେଶ ପୂଜାରେ ବରିଷ୍ଠ ନାଗରିକଙ୍କ ମୁହଁରେ ହସ ଫୁଟିଲା

ମହାକାଳପଡ଼ା, ୨୭।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଗଣେଶ ପୂଜାରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସୀ ବରିଷ୍ଠ ନାଗରିକ ନିବାସରେ ୨୫ ଅନ୍ତେବାସୀଙ୍କ ମୁହଁରେ ହସ ଫୁଟିଛି। ବଡ଼କୂଳ ପଞ୍ଚାୟତ ଗୋପୀନାଥପୁରସ୍ଥିତ ମେଧାବୀ ଛାତ୍ର ଦେବୀପ୍ରସାଦ ଦାସଙ୍କ ସ୍ମୃତି ମା'ମଙ୍ଗଳା ଗଣେଶ ପୂଜା କମିଟି ପକ୍ଷରୁ ସେମାନଙ୍କୁ ନୂଆ ବସ୍ତ୍ର ପ୍ରଦାନ ସହିତ ଭୂରିଭୋଜନରେ ଆପ୍ୟାୟିତ କରାଯାଇଛି। ଏହି ବରିଷ୍ଠ ନାଗରିକ ନିବାସରେ ଖୋର୍ଦ୍ଧା, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲାର ୨୫ ଜଣ ବରିଷ୍ଠ ଅନ୍ତେବାସୀ ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ନିବାସ ପରିଚାଳକ ପବିତ୍ର କୁମାର ପରିଡ଼ା, କୁଞ୍ଜ ବିହାରୀ ଦାସ, ଜୀବନାନନ୍ଦ ସାହୁ, ସଂଗ୍ରାମ ସାମନ୍ତରାୟ, ଚିରଞ୍ଜିବୀ ବେହେରା, ସୁମନ୍ତ କୁମାର ସାହୁ, ସୌଭାଗ୍ୟ ବେଉରା, ଆଶୀର୍ବାଦ ବେହେରା, ନରେଶ ନାୟକ, ମାନସ ବେହେରା, ପ୍ରସନ୍ନ ସାମନ୍ତରାୟ, ସତ୍ୟ ରଞ୍ଜନ ଜେନାଙ୍କ ସମେତ ନିବାସ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ଏହି ବରିଷ୍ଠ ନାଗରିକ ନିବାସ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ସଶକ୍ତିକରଣ ବିଭାଗ ଆର୍ଥିକ ଅନୁଦାନରେ ଜନ କଲ୍ୟାଣ ସେବା ସଂସ୍ଥା ପରିଚାଳନା କରୁଛି।



ମହାକାଳପଡ଼ା ବ୍ଲକ ଖରିନାସୀ ବରିଷ୍ଠ ନାଗରିକ ନିବାସରେ ଅନ୍ତେବାସୀ ଭୋଜନ କରୁଛନ୍ତି।

## କଅଁଳ କାନ୍ଧରେ ବ୍ୟାଗ୍ ବୋଝ

# ମେରୁଦଣ୍ଡ ଦୁର୍ବଳ ଆଶଙ୍କା

ମହାକାଳପଡ଼ା, ୨୭।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ବ୍ଲକ ଅଧୀନ ସରକାରୀ ବିଦ୍ୟାଳୟର ପିଲାମାନେ କାନ୍ଧରେ ବ୍ୟାଗ୍ ପକାଇ ଯାଉଛନ୍ତି।

- ପିଲାଙ୍କ ମୋଟ ଓଜନର ଦଶ ପ୍ରତିଶତ ବ୍ୟାଗ୍ ଓଜନ ଆବଶ୍ୟକ
- ସୁପ୍ରିମକୋର୍ଟଙ୍କ ବ୍ୟାଗ୍ ନୀତି ଅନୁପାଳନ କର

ଛାତ୍ରୀଛାତ୍ରଙ୍କ କାନ୍ଧରେ ଅହେତୁକ ବହିବସ୍ତାନି ବୋଝ କମାଇବାକୁ ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ୨୦୧୯ରେ ନିର୍ଦ୍ଦେଶ ଜାରି କରାଯାଇଥିଲା। ଏ ନେଇ କେତେକ ନୀତିନିୟମ ପ୍ରସ୍ତୁତ କରି ଏହାକୁ କଠୋର ଭାବେ ପାଳନ କରିବାକୁ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲଗୁଡ଼ିକୁ କୁହାଯାଇଥିଲା। କିନ୍ତୁ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରୁ ଭାରି ହେଉଛି ବସ୍ତାନି ବୋଝ। କୋମଳମତି ଶିଶୁ ଓ ପିଲା କଅଁଳ କାନ୍ଧରେ ବ୍ୟାଗ୍ ବୋଝ ବହନ କରିବା ଯୋଗୁ ମେରୁଦଣ୍ଡ ଦୁର୍ବଳ ହେବା ସମ୍ଭାବନା ରହିଛି।

ନିୟମ ଅନୁଯାୟୀ, ପ୍ରଥମରୁ ଦ୍ୱିତୀୟ ଶ୍ରେଣୀର ପିଲା ଦେଢ଼ କିଲୋ ଓଜନର ବସ୍ତାନି ନେଇ ବିଦ୍ୟାଳୟକୁ ଯିବ। ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲା ୨ରୁ ୩ କିଲୋ ଓଜନ ବସ୍ତାନି ନେବ। ଆଉ ଷଷ୍ଠରୁ ସପ୍ତମ ଶ୍ରେଣୀ ପିଲାର ବସ୍ତାନି ଓଜନ ୪ କେଜିରୁ ଅଧିକ ହେବନି। ଏମିତିକି ଦଶମ ଶ୍ରେଣୀ ପିଲାମାନଙ୍କ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଓଜନର ବସ୍ତାନି ନେବାକୁ ନିର୍ଦ୍ଦେଶ ରହିଛି। ଅପରପକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍କୁଲ ବ୍ୟାଗ୍ ନୀତିରେ ପିଲାଟିର ମୋଟ ଓଜନର ଦଶ ପ୍ରତିଶତ ଓଜନର ବ୍ୟାଗ୍ ନେବାର ବ୍ୟବସ୍ଥା ରହିଛି। ଏଥିସହ ପ୍ରତି ୩ ମାସରେ ବ୍ୟାଗ୍ ନୀତି ସୁନିଶ୍ଚିତ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଅଭିଯୋଗ ହେଉଛି। ବସ୍ତାନି ପକାଇ ବିଦ୍ୟାଳୟ ଯାଉଥିବା ପିଲାଟି ଆଗକୁ ଝୁଙ୍କିପଡ଼ି ଚାଲୁଥିବା ନଜରକୁ ଆସୁଛି। ଫଳରେ ମେରୁଦଣ୍ଡଜନିତ ଅସ୍ଥି ଦୁର୍ବଳ ହେବା ସହ ଖୁବ୍ କମ୍ ବୟସରେ ରୋଗଗ୍ରସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ବିଶେଷଜ୍ଞ କମିଟି ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କରିଥିଲା। ଏହାକୁ ନେଇ କିଛିବର୍ଷ ପୂର୍ବେ ସୁପ୍ରିମକୋର୍ଟର ଏକ ଦୁଇଜଣିଆ ଡିଭିଜନ ବେଞ୍ଚ ଶୁଣାଣି କରି ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ଘରୋଇ ଓ ସରକାରୀ ବିଦ୍ୟାଳୟଗୁଡିକରେ ସ୍କୁଲ ବ୍ୟାଗ୍ ନୀତି ଅନୁପାଳନ ସୁନିଶ୍ଚିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ସବୁ ରାଜ୍ୟର ଶିକ୍ଷା ବିଭାଗର ମୁଖ୍ୟଙ୍କୁ ଅବଗତ କରାଯାଇଥିଲା।

ଏ ସମ୍ପର୍କରେ ଦଶମ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରିୟଙ୍କା ମଣ୍ଡଳ, ବନଜା ମାଇତି, ଅନସୂୟା ଷଡ଼ଙ୍ଗୀ, ପ୍ରିୟଦର୍ଶିନୀ ଜେନା, ଦେବାଶିଷ ବେହେରା ପ୍ରମୁଖ କହିଛନ୍ତି, ବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ବ୍ୟାଗ୍‌ରେ ବହି ଖାତା ନେବାକୁ ପଡ଼ିଥାଏ। କ୍ଲାସ୍ ସମୟରେ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ପାଠପଢ଼ା ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି। ପ୍ରତିଦିନ କ୍ଲାସ୍ ଅନୁସାରେ ଯେଉଁ ବିଷୟ ଶିକ୍ଷାଦାନ କରାଯିବ, ପ୍ରତ୍ୟେକ ବହି ଖାତା ଅନୁଧ୍ୟାନ କରିବାକୁ ପରାମର୍ଶ ଦିଆଯାଇଥାଏ। ପ୍ରତିଦିନ ସମସ୍ତ ବିଷୟ ଉପରେ ଶିକ୍ଷାଦାନ କରାଯାଉଥିବାରୁ ବ୍ୟାଗ୍‌ରେ ସବୁ ବହିଖାତା, ପାଣି ବଟଲ, ରେନ୍ କୋର୍ଟ, ଯନ୍ତ୍ରବାକ୍ସ ଓ ଖାଦ୍ୟ ପଦାର୍ଥ ନେବାକୁ ପଡ଼େ। ବ୍ୟାଗ୍ ନେବାବେଳେ ଓଜନ ହେଉଥିଲେ ବି ଉପାୟ କିଛି ନାହିଁ। ଏପରି କି ବ୍ୟାଗ୍ ଓଜନ ଯୋଗୁ କାନ୍ଧ ଓ ପିଠିରେ ଯନ୍ତ୍ରଣା ଅନୁଭବ କରୁ ବୋଲି ସେମାନେ କହିଛନ୍ତି। ଏ ନେଇ ବ୍ଲକ ଅଧୀନ ସ୍ଥାନୀୟ ରାମନଗରସ୍ଥିତ ବିଜୟାନନ୍ଦ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଦାସଙ୍କୁ ପଚାରିବାରେ କିଛିବର୍ଷ ପୂର୍ବେ ପିଲାଙ୍କ ବ୍ୟାଗ୍ ବୋଝ ବହନ କମାଇବାକୁ ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିପାଇଁ ପ୍ରତିମାସ ଶନିବାର ଅଭିଭାବକ, ଛାତ୍ରୀଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଥାଏ। ଏ ସଂକ୍ରାନ୍ତରେ ବିଇଓ କୈଳାସ ଚନ୍ଦ୍ର ଦଳାଇଙ୍କୁ ପଚାରିବାରେ ପ୍ରତି ମାସର ଦ୍ୱିତୀୟ ଶନିବାର ପ୍ରତି ବିଦ୍ୟାଳୟରେ ଅଭିଭାବକ ସିଆରସିସି ଓ ପ୍ରଧାନ ଶିକ୍ଷକଙ୍କମାନଙ୍କର ବୈଠକ ଅନୁଷ୍ଠିତ ହେଉଛି। ସ୍କୁଲର ସମସ୍ତ ବିଷୟ ଉପରେ ଗୁରୁତ୍ୱାରୋପ କରାଯିବା ସହ ସ୍କୁଲ ବ୍ୟାଗ ନୀତି ପାଳନ କରାଯିବାର ସଚେତନତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋରଞ୍ଜନ ରାଉତଙ୍କୁ ପଚାରିବାରେ ଏଭଳି ସମସ୍ୟା ସମ୍ପର୍କରେ ଆଗାମୀ ଦିନରେ ବିଭାଗ ପକ୍ଷରୁ ତୃଣମୂଳ ସ୍ତରରେ ସଚେତନ କରାଇବା ପାଇଁ ଧ୍ୟାନ ଦିଆଯିବ। ବିଶେଷକରି ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ ଟିମ୍ ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ସଚେତନ କରାଇବାକୁ ଉଦ୍ୟମ ଆରମ୍ଭ ହେବ ବୋଲି ସେ କହିଛନ୍ତି।

# ଖଣ୍ଡପଡ଼ାକୁ ମିଳିଲାନି ସବ୍‌ଡିଭିଜନ ମାନ୍ୟତା

**ଖଣ୍ଡପଡ଼ା,୨୭।୮ (ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା ଖଣ୍ଡପଡ଼ା ପଞ୍ଚାୟତକୁ ୧୯୮୯ ଅଗଷ୍ଟ ୧୪ରେ ରାଜ୍ୟ ସରକାର ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପ୍ରଦାନ କରିଥିଲେ। ସେହି ଅଞ୍ଚଳର ସାମଗ୍ରୀକ ବିକାଶ ଦିଗରେ ବିଭିନ୍ନସ୍ତରରେ ଉଦ୍ୟମ ଜାରି ରହିଥିଲେ ହେଁ ଏବେ ବି ଦୀପତଳ ଅନ୍ଧାର ପରି ପଠାଣି ସାମନ୍ତ ଜନ୍ମଭୂମି ଖଣ୍ଡପଡ଼ାର ବିକାଶ ବହୁ ପଛରେ ରହିଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସହିତ ପ୍ରଶାସନିକ ଅଧିକାରୀଙ୍କ ସ୍ଥାଣୁତା ଯୋଗୁ ଖଣ୍ଡପଡ଼ା ସହରାଞ୍ଚଳ ମାନ୍ୟତା ପାଇଥିଲେ ଲୋକମାନଙ୍କ ସମସ୍ୟାର ସମାଧାନ ହୋଇନି ବୋଲି ଅଭିଯୋଗ ହୋଇଛି।

ଖଣ୍ଡପଡ଼ାରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ କ୍ଷୁଦ୍ର ଜଳସେଚନ ବିଭାଗ, ବିଦ୍ୟୁତ ବିଭାଗ, ଆରକ୍ଷୀ ଉପଅଧୀକ୍ଷକଙ୍କ କାର୍ଯ୍ୟାଳୟ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ସହକାରୀ ଦୌରାଜଜଙ୍କ ଅଦାଲତ ସହିତ ବ୍ଲକ୍ ଓ ତହସିଲ କାର୍ଯ୍ୟାଳୟ ରହିଛି। ଏଥିସହିତ ଏହି ବ୍ଲକରେ ୪ ମହାବିଦ୍ୟାଳୟ ରହିଛି। ଖଣ୍ଡପଡା ପୋଲିସ ଉପ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ ଖଣ୍ଡପଡା, ଫତେଗଡ, ଦଶପଲ୍ଲା ଓ ଗଣିଆଁ ଆଦି ୪ ଥାନା ସହିତ ୫ ଫାଣ୍ଡି କାର୍ଯ୍ୟ କରୁଛି। ଏତଦ୍‌ବ୍ୟତୀତ ୮ରୁ ଉର୍ଦ୍ଧ୍ୱ ଜାତୀୟକରଣ ବ୍ୟାଙ୍କର ଶାଖା କାର୍ଯ୍ୟ କରୁଥିବା ବେଳେ ଭାରତୀୟ ଜୀବନ ବୀମା ନିଗମର ଏକ ଶାଖା କାର୍ଯ୍ୟାଳୟ, ପୂର୍ତ୍ତ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଗ୍ରାମ୍ୟ ଜଳଯୋଗାଣ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି। ସିଧାମୂଳାଠାରେ ମହାନଦୀ ସେତୁ ନିର୍ମାଣ ହେବା ପରେ ପଶ୍ଚିମ ଓଡ଼ିଶା ସହ ଦକ୍ଷିଣ ଓଡ଼ିଶାର ସମ୍ପର୍କ ସଡ଼କ ପଥରେ ଯୋଡ଼ି ହୋଇଛି। ଉକ୍ତ ରାସ୍ତା ଖଣ୍ଡପଡ଼ା ଦେଇ ଯାଇଥିବାରୁ ବର୍ହି ବାଣିଜ୍ୟ କ୍ଷେତ୍ରରେ ଓ ଯାତାୟତ କ୍ଷେତ୍ରରେ ଅନେକ ସୁବିଧା ଆସିଛି। ଏଠାରୁ ୧୩କିମି ଦୂରରେ ପର୍ଯ୍ୟଟନ କ୍ଷେତ୍ର ତଥା ପୁରାଣ ପ୍ରସିଦ୍ଧ ନୀଳମାଧବଙ୍କ କ୍ଷେତ୍ର ରହିଛି। ଦୈନିକ ବହୁ ଦୂର ଦୂରାନ୍ତରୁ ପର୍ଯ୍ୟଟକମାନେ ଏଠାକୁ ଆସିଥାଆନ୍ତି। ବନ ବିଭାଗ ପକ୍ଷରୁ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଏକ ୟୁକୋ ଟୁରିଜିମ ଓ ପ୍ରାକୃତିକ ପରିପାଟୀ ମଧ୍ୟରେ ପାନ୍ଥ ନିବାସ ଏବଂ ସହରାଞ୍ଚଳରେ ବିଶ୍ୱ ପ୍ରସିଦ୍ଧ ଜ୍ୟୋର୍ତିବିଜ୍ଞାନୀ ପଠାଣି ସାମନ୍ତଙ୍କ ଏକ ମ୍ୟୁଜିୟମ୍ ନିର୍ମାଣ ହେବା ଦ୍ୱାରା ପ୍ରତ୍ୟେହ ରାଜ୍ୟ ଓ ଅନ୍ୟ ରାଜ୍ୟରୁ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ସେମାନେ ମହାନଦୀର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହିତ ପଠାଣି ସାମନ୍ତଙ୍କ ବିଷୟରେ ଜ୍ଞାନ ଆହରଣ ନିମନ୍ତେ ଏଠାକୁ ଆସିଥାଆନ୍ତି। ପ୍ରତ୍ୟହ ବିଭିନ୍ନ ସରକାରୀ କାର୍ଯ୍ୟରେ ଶତାଧିକ ଲୋକ ଖଣ୍ଡପଡାକୁ ଆସିଥାଆନ୍ତି। ଏହାଛଡା ଖଣ୍ଡପଡ଼ାକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ଦେବା ପାଇଁ ଅଞ୍ଚଳବାସୀ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ ହେଁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସାଙ୍ଗକୁ ସରକାରୀକଳର ଉଦାସୀନତା ପାଇଁ ଏହା ସମ୍ଭବ ହୋଇନାହିଁ। ଖଣ୍ଡପଡ଼ା ଓ ଭାପୁର ତହସିଲକୁ ନେଇ ଖଣ୍ଡପଡ଼ା ସବ୍‌ଡିଭିଜନ ମାନ୍ୟତା ପାଇଲେ ଅଞ୍ଚଳବାସୀ ବହୁ ସୁବିଧା ସୁଯୋଗ ହାସଲ କରିପାରିବେ ଓ ସମଗ୍ର ଖଣ୍ଡପଡ଼ାର ଆର୍ଥିକ ମାନଦଣ୍ଡର ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଉଛି।

## ସବ୍‌ଡିଭିଜନର ମାନ୍ୟତା ମିଳିବାର ଯଥାର୍ଥତା ଅଛି


ବଳରାମ ପଣ୍ଡା


ବିକ୍ରମ ଦେଓ


ବିଧାୟକ ଦୁଷ୍ମନ୍ତ ସ୍ୱାଇଁ


ମାଧବ ମିଶ୍ର

ଖଣ୍ଡପଡ଼ାର ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର କୁହନ୍ତି, ରାଜ୍ୟ ସରକାର ଜିଲା ପୁନର୍ଗଠନ କରିବାର ପ୍ରାୟ ୩୧ ବର୍ଷ ବିତିଲାଣି। ମାତ୍ର ଉପଖଣ୍ଡ ପୁନର୍ଗଠନ ପ୍ରକ୍ରିୟା ଅଦ୍ୟାବଧି ହୋଇପାରିଲା ନାହିଁ। ଜିଲା ପ୍ରଶାସନ ସହ ଉପଯୁକ୍ତ ତାଳମେଳ ରଖି ଖଣ୍ଡପଡ଼ାକୁ ଅଧିକ ଦୃଷ୍ଟି ଦେବା ସହ ଏହାର ସର୍ବାଙ୍ଗୀନ ବିକାଶ ଦିଗରେ କାର୍ଯ୍ୟ କରିବାକୁ ହେଲେ ଖଣ୍ଡପଡ଼ା ସବ୍‌ଡିଭିଜନର ମାନ୍ୟତା ପାଇବା ପାଇଁ ଅଧିକ ଯଥାର୍ଥତା ରହିଛି। ଏହାଛଡା ଖଣ୍ଡପଡ଼ାରେ ଉପଖଣ୍ଡସ୍ତରୀୟ ବରିଷ୍ଠ ଦେୱାନୀ ଅଦାଲତ ଖୋଲାଯାଇ କାର୍ଯ୍ୟକ୍ଷମ ହୋଇଥିବାରୁ ଗଣିଆକୁ ଏହି ସବ୍‌ଡିଭିଜନ ଅଧୀନରେ ସାମିଲ କରାଗଲେ ସିଧାସଳଖ ନ୍ୟାୟ ପାଇବା ପାଇଁ କେହି ବଞ୍ଚିତ ହେବେ ନାହିଁ।

ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କୁହନ୍ତି, ନୟାଗଡ଼ ଜିଲାର ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ରହିଛି ବିଶ୍ୱ ପ୍ରସିଦ୍ଧ ଜ୍ୟୋର୍ତିବିଦ ପଠାଣୀ ସାମନ୍ତଙ୍କ ଜନ୍ମସ୍ଥଳୀ, ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ ଏବଂ ଆଖପାଖ ଅଞ୍ଚଳରେ ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି। ଖଣ୍ଡପଡ଼ାକୁ ସବ୍‌ଡିଭିଜନର ମାନ୍ୟତା ନିମନ୍ତେ ବିଧାନ ସଭାରେ ପ୍ରଶ୍ନ କରାଯାଇଥିଲା ମନ୍ତ୍ରୀଙ୍କ ସୂଚନା କ୍ରମେ ରାଜ୍ୟରେ ଯେତେବେଳେ ନୂତନ ସବ୍‌ଡ଼ିଭିଜନ ହେବାର ନିଷ୍ପତ୍ତି ହେବ ଖଣ୍ଡପଡାକୁ ନିଶ୍ଚିତ ରୂପେ ଅଗ୍ରାଧିକାର ଦିଆଯିବ ବୋଲି କହିଛନ୍ତି।

ପ୍ରାଧ୍ୟାପକ ବଳରାମ ପଣ୍ଡା କୁହନ୍ତି, ରାଜକୀୟ ଶାସନ କାଳରୁ ନୟାଗଡ଼ ଜିଲାର ଖଣ୍ଡପଡା ଏକ ଅନନ୍ୟ ଅଞ୍ଚଳ। ପ୍ରଖର ପ୍ରଜ୍ଞା, ପାଣ୍ଡିତ୍ୟ ଓ ଜ୍ୟୋର୍ତିଶାସ୍ତ୍ରରେ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ପଠାଣି ସାମନ୍ତଙ୍କ ମାଟି ଏବଂ ପ୍ରଭୁ ଜଗନ୍ନାଥଙ୍କ ଆଦି ପୀଠ ନୀଳମାଧବଙ୍କ ମନ୍ଦିର କଣ୍ଟିଲୋର ମହତ୍ତ୍ୱ ବିଶ୍ୱ ପ୍ରସିଦ୍ଧ। ଆଜିର ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ ପ୍ରଶାସନ ନାଗରିକମାନଙ୍କ ଭାଗଦାରିତାରେ ବିଶ୍ୱାସ ରଖେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖଣ୍ଡପଡ଼ାକୁ ଏକ ଉପଖଣ୍ଡର ମାନ୍ୟତା ପ୍ରଦାନ କଲେ ଲୋକଙ୍କ ପାଖରେ ପ୍ରଶାସନ ନିକଟତର ହେବା ସହ ବୁଦ୍ଧିଜୀବି ଓ ପ୍ରଶାସନ ମଧ୍ୟରେ ତାପର୍ଯ୍ୟ ପରିସ୍ଫୁଟ ହେବ।

ଖଣ୍ଡପଡ଼ା ବାର ଆସୋସିଏଶନର ସମ୍ପାଦକ ବିକ୍ରମ କେଶରୀ ଦେଓ କୁହନ୍ତି, ବ୍ରିଟିଶ ଶାସନ ରାଜୁଡା ଅମଳରୁ ଖଣ୍ଡପଡ଼ାକୁ ଏକ ସହର ମାନ୍ୟତା ପାଇଛି। ଏଠାରେ ସବ୍‌ଡିଭିଜନ ହେବା ପାଇଁ ସବୁ ପ୍ରକାର ଇନଫ୍ରାଷ୍ଟ୍ରକଚର ରହିଛି। ସବ୍‌ଡ଼ିଭିଜନର ଜୁଡିସିଆଲ(ସବଜଜ୍) କୋର୍ଟ ଏଠାରେ ଉପଲବ୍ଧ। ଏହାଛଡା ହାଇକୋର୍ଟ ନିଷ୍ପତ୍ତି ନେଇଛି, ଏଠାରେ ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ ଖୋଲିବା ପାଇଁ। ଖୁବ୍ ଶୀଘ୍ର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟ କାର୍ଯ୍ୟକାରୀ ହେବ। ଏଣୁ ଖଣ୍ଡପଡାକୁ ଏକ ସବ୍ ଡ଼ିଭିଜନର ମାନ୍ୟତା ମିଳିବା ଜରୁରୀ ହୋଇପଡିଛି।

# ପଣ୍ଡିତ ବିନାୟକ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଶରଣକୁଳ,୨୭।୮ (ଦୀପକ କର)**

ବିଶିଷ୍ଟ ସାରସ୍ୱତ ସାଧକ ପଣ୍ଡିତ ବିନାୟକ ମିଶ୍ରଙ୍କ ୧୩୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ଓ ଆଲୋଚନା ଚକ୍ର ତାଙ୍କ ଜନ୍ମମାଟି ଶରଣକୁଳ ଠାରେ ବୁଧବାର ପାଳିତ ହୋଇଯାଇଛି। ସହଯୋଗ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଶରଣକୁଳ ପୂଜ୍ୟପୂଜା କମିଟି ପକ୍ଷରୁ ସ୍ଥାନୀୟ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପବ୍ଲିକ ସ୍କୁଲ ସଭାଗୃହରେ ଅନୁଷ୍ଠିତ ହୋଇଥିବା ଏହି ଆଲୋଚନାଚକ୍ରରେ ଶରଣକୁଳ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧାପିକା ଡ. ମନୋଜିନି ଦଳବେହେରା, ଅବସରପ୍ରାପ୍ତ ଅଧାପିକା ପ୍ରିୟମ୍ବଦା ଦାଶ, ଗାୟକ କଳାନିଧି ପଣ୍ଡିତ ମନୋଜ କୁମାର ମିଶ୍ର, ବେଦଙ୍ଗ କିଶୋର ଚନ୍ଦ୍ର କର, କବି କଲ୍ଲୋଳ ଗୋଦାବରୀ ବସନ୍ତିଆ, ବେତାର କଣ୍ଠଶିଳ୍ପୀ ପ୍ରଶାନ୍ତ କୁମାର ଦାଶ, କବି କୁସୁମ ନିରାକାର ସ୍ୱାଇଁ, ନୀଳମାଧବ ତ୍ରିପାଠୀ, ନଳିନୀ ଦାଶ ପ୍ରମୁଖ ଅତିଥି ରୂପେ ଯୋଗଦେଇ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୀବନୀ ଓ ସାରସ୍ୱତ ସୃଷ୍ଟି ଉପରେ ଆଲୋଚନା କରିଥିଲେ। ସେ ଓଡ଼ିଆ ଭାଷାର ଇତିହାସ, ଓଡ଼ିଆ ସାହିତ୍ୟର ଇତିହାସ, ଓଡ଼ିଆ ଭାଷାର ପୁରାତତ୍ତ୍ୱ, ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସ, ଭାରତୀୟ ଦର୍ଶନ ପ୍ରବେଶିକା, ଓଡ଼ିଆ ସାହିତ୍ୟ ପ୍ରକାଶ ସହିତ ଇଂରାଜୀ ଭାଷାରେ ତିନୋଟି ପୁସ୍ତକ ରଚନା କରି ଉତ୍କଳ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ନିବେଦିତା ମୁଖାର୍ଜୀ, ଶତରୂପା ମହାପାତ୍ର ଓ ଯଶସ୍ୱିନୀ ଦାଶଙ୍କୁ ପ୍ରଶଂସାପତ୍ର ସହିତ ସ୍ମୃତି ଫଳକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସହଯୋଗ ଓ ପୂଜ୍ୟପୂଜା କମିଟିର ସମ୍ପାଦକ ପ୍ରଶାନ୍ତ ଦାଶ ପରିଚାଳନା କରିଥିବାବେଳେ କମିଟି ସଦସ୍ୟ ଜୟକୃଷ୍ଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।



ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଗଣେଶ ପୂଜା ଭୋଗ ଫେରାଇ ଦେଲେ ଶିକ୍ଷକ

## ଛୁଆଁଅଛୁଆଁ ଭେଦଭାବକୁ ନେଇ ଚାପା ଉତ୍ତେଜନା

**ନୟାଗଡ଼/ନୂଆଗାଁ,୨୭।୮ (ଲୋକନାଥ ମିଶ୍ର/ ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ବାହାଡାଖୋଲା ପଞ୍ଚାୟତ ବନ୍ଧାଭୂଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ଗଣେଶ ପୂଜା ଭୋଗ ଫେରାଇ ଦେବାକୁ ନେଇ ବୁଧବାର ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି । ସୂଚନା ଅନୁଯାୟୀ, ବନ୍ଧାଭୂଇଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣେଶ ପୂଜା ଭୋଗ କରିବା ପାଇଁ ସ୍କୁଲର କେତେଜଣ ଅନୁସୂଚିତ ଜାତି ଛାତ୍ରୀଛାତ୍ର ଯାଇଥିଲେ। ହେଲେ ଛୁଆଁଅଛୁଆଁ ଭେଦଭାବ ରଖି ଶିକ୍ଷକ ଭୋଗ ଫେରାଇ ଦେଇଥିବା ଅଭିଯୋଗ ହୋଇଛି । ଏପରିକି ଏନେଇ ନୂଆଗାଁ ବ୍ଲକ୍ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଦଶପଲ୍ଲା ବ୍ଲକ୍ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ୍ଲଙ୍କୁ ପଚାରିବାକୁ ତାଙ୍କ ଫୋନ (ନଂ.୯୮୫୩୧୫୮୭୪୦)ରେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# କାଞ୍ଜିଆହୁଦା ନିର୍ମାଣରେ ବିଳମ୍ବ

**ଖଣ୍ଡପଡ଼ା,୨୭।୮ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରର ମୁଖ୍ୟ ରାସ୍ତା ସମେତ ଗଳିକନ୍ଦିରୁ ଗାଈଗୋରୁଙ୍କୁ ହଟାଇବା ନିମନ୍ତେ ଏନ୍‌ଏସି କର୍ତ୍ତୃପକ୍ଷ ଏକ କାଞ୍ଜିଆହୁଦା ନିର୍ମାଣ ପାଇଁ ନିଷ୍ପରି ନେଇଥିଲେ। ଏ ନେଇ ଖଣ୍ଡପଡ଼ା ତହସିଲ ଅଫିସ ପକ୍ଷରୁ ଆବଶ୍ୟକ ଜାଗା ଚିହ୍ନଟ କରାଯାଇଥିଲେ ହେଁ ପ୍ରଶାସନିକ ସ୍ଥାଣୁତା ଯୋଗୁ କାଞ୍ଜିଆହୁଦା ନିର୍ମାଣ କାର୍ଯ୍ୟ ଆଗେଇ ପାରିନାହିଁ। ଫଳରେ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁ ବର୍ଷ ଧରି ଗାଈଗୋରୁ, ଷଣ୍ଢ ମୁଖ୍ୟ ରାସ୍ତାରେ ଶୋଇ ରହୁଥିବାରୁ ବାରମ୍ବାର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି।

# ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ

**ନୟାଗଡ଼,୨୭।୮ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲାପରିଷଦ ସମ୍ମିଳନୀ କକ୍ଷ ସୁଜନରେ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଗୌରୀ ଶଙ୍କର ମିଶ୍ର, ଅତିରିକ୍ତ କୃଷି ଜିଲ୍ଲା ଅଧିକାରୀ ପବିତ୍ର ମୋହନ ସାହୁ ଉପସ୍ଥିତ ଥିଲେ। ଜିଲ୍ଲାର ୮ ବ୍ଲକରୁ ଚାଷୀମାନେ ଯୋଗ ଦେଇଥିଲେ। ଜିଲ୍ଲାର ୧ ଲକ୍ଷ ୩୦ ହଜାର ୭୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ୧୧ ଶହ ୯୯ ଜଣ ଭୂମିହୀନ ଚାଷୀ ସହାୟତା ପାଇଛନ୍ତି। ଓୟୁଏଟିରେ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଉଦ୍‌ବୋଧନ ଦେଇଥିଲେ। ସେହି କାର୍ଯ୍ୟକ୍ରମକୁ ନୟାଗଡ଼ର ଚାଷୀମାନେ ଟିଭି ମାଧ୍ୟମରେ ଦେଖିଥିଲେ। ଜିଲ୍ଲା ଲୋକ ସମ୍ପର୍କ ଅଧିକାରିଣୀ ଜ୍ୟୋସ୍ନାମୟୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁଠି ଶ୍ରୀଗଣେଶଙ୍କୁ ପୂଜାର୍ଚ୍ଚନା


ନୟାଗଡ଼ ହାଟପଦା ଗଣେଶ ଯୁଥ୍ କ୍ଲବ୍।


କଣ୍ଟିଲୋ ନୀଳମାଧବ କଲେଜ।


ଗଣିଆ ରଘୁନାଥଜୀଉ ମାଧ୍ୟମିକ ବିଦ୍ୟାଳୟ।


ନୟାଗଡ଼ ପୂର୍ତ୍ତ ବିଭାଗୀୟ ଲେନ୍ ଫ୍ରେଣ୍ଡସ କ୍ଲବ୍।


ଦଶପଲ୍ଲା ସୀତାରାମ ଯୁଥ୍ କ୍ଲବ୍।


ଦଶପଲ୍ଲା ଗଡ଼ରାଜେଶ୍ୱରୀ କ୍ଲବ୍।


ନୟାଗଡ଼ ଦକ୍ଷିଣକାଳୀ ମନ୍ଦିର।


ନୟାଗଡ଼ ସିଦ୍ଧେଶ୍ୱର କଲ୍ୟାଣ ମଣ୍ଡପ।

# ୨.୪୫ ଲକ୍ଷ ଚାଷୀଙ୍କୁ ମିଳିଲା ସିଏମ୍ କିଷାନ ସହାୟତା

## ଚାଷ କାର୍ଯ୍ୟରେ ବିନିଯୋଗ କରିବାକୁ ପରାମର୍ଶ

**ଯାଜପୁରଟାଉନ,୨୭।୮ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**



ସିଏମ୍ କିଷାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀମାନେ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସିଏମ୍ କିଷାନ ସହାୟତାର ୨ୟ କିସ୍ତି କୃଷି ଭିତ୍ତିକ ଗଣପର୍ବ ନୂଆଁଖାଇ ଅବସରରେ ଭୁବନେଶ୍ୱର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ପ୍ରଦାନ କରିଛନ୍ତି। ରାଜ୍ୟର ୫୧ ଲକ୍ଷ ୫୪ ହଜାର ୧୧୫ କ୍ଷୁଦ୍ର, ନାମମାତ୍ର ଚାଷୀ, ଭୂମିହୀନ କୃଷକ ପରିବାର, ଅନୁସୂଚିତ ଜନଜାତି ସମୂହ ଓ ସହରାଞ୍ଚଳ କୃଷକଙ୍କୁ ଡିବିଟି ମାଧ୍ୟମରେ ୧୦୪୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଏହି ଅବସରରେ ଯାଜପୁର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ମିଳିତ ଆନୁକୂଲ୍ୟରେ ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ନାୟକ ଯୋଗଦେଇ କହିଥିଲେ, ଚାଷୀଙ୍କ ଚାଷ କାର୍ଯ୍ୟ ଆଗେଇ ନେବା ନିମନ୍ତେ ବର୍ଷକୁ ଦୁଇ ଥର ଯଥା: ଖରିଫ ଓ ରବି ଫସଲ ପାଇଁ ସିଏମ୍ କିଷାନ ଯୋଜନାରେ ୨୦୦୦ ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଉଛି। ଚାଷୀ ଏହି ସହାୟତା ରାଶିକୁ ପ୍ରକୃତ ଉଦ୍ଦେଶ୍ୟରେ ବିନିଯୋଗ କରି ଉପକୃତ ହୋଇପାରିଲେ ସରକାରଙ୍କ ଏହି ଯୁଗାନ୍ତକାରୀ ପଦକ୍ଷେପର ସଫଳ ରୂପାୟନ ହୋଇପାରିବ। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତପନ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ସିଏମ କିଷାନ୍‌ର ସହାୟତା ରାଶିରେ ଚାଷୀମାନେ ଚାଷ କାର୍ଯ୍ୟକୁ ଆଗେଇ ନେବେ। ଯାଜପୁର ଜିଲ୍ଲାର ସମୁଦାୟ ୨ ଲକ୍ଷ ୪୫ ହଜାର ୨୪୨ ଜଣଙ୍କୁ ଏହି ସହାୟତା ରାଶି ସେମାନଙ୍କ ବ୍ୟାଙ୍କ ଖାତା ମାଧ୍ୟମରେ ପ୍ରଦାନ କରାଯାଇଛି। ଏହାକୁ ଚାଷ କାର୍ଯ୍ୟରେ ବିନିଯୋଗ କରିବାକୁ ସେ ସମସ୍ତ ଚାଷୀଙ୍କୁ ଅନୁରୋଧ କରିଥିଲେ। ଏମ୍‌ପିଙ୍କ ପ୍ରତିନିଧି ଜିତେନ୍ଦ୍ର ବିଶ୍ୱାଳ ଯୋଗଦେଇ କହିଥିଲେ, ଚାଷୀ ହସିଲେ ଦେଶ ହସିବ। ଏହି ସହାୟତା ରାଶି ଚାଷୀଙ୍କ ସମ୍ମାନ ନିମନ୍ତେ ପ୍ରଦାନ କରାଯାଉଛି। ଯେଉଁଠାରେ ଚାଷୀଙ୍କୁ ସମ୍ମାନ ଦିଆଯାଏନାହିଁ ସେଦେଶ କେବେ ବି ଆଗକୁ ଯାଇପାରିବ ନାହିଁ। ଚାଷୀ ଆଖିରେ ଲୁହ ଆସିଲେ, ଦେଶ ଆଖିରେ ଲୁହ ଆସିବ। ଚାଷୀଙ୍କ ପ୍ରଗତି ନ ହେଲେ ଦେଶର ପ୍ରଗତି ଅସମ୍ଭବ। ସରକାର ସର୍ବଦା ଯାଜପୁର ଜିଲ୍ଲାର ଚାଷୀଙ୍କ ସହ ଅଛନ୍ତି। ଏହାକୁ ମାନସିକସ୍ତରରେ ରଖି ଚାଷ କାର୍ଯ୍ୟକୁ ଆଗେଇ ନେବାକୁ ସେ ଜିଲ୍ଲାର ସମସ୍ତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଯାଜପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଲଳିତ କୁମାର ମହାନ୍ତି ଯୋଗଦେଇ କହିଥିଲେ, ଋତୁ ଅନୁସାରେ ଜଳବାୟୁରେ ବହୁତ ପରିବର୍ତ୍ତନ ପରିଲକ୍ଷିତ ହେଉଛି। ସେଥିପାଇଁ ଜଳବାୟୁ ଅନୁକୂଳ କୃଷି ଉପରେ ପ୍ରାଧାନ୍ୟ ଦିଆଯାଉଛି। ଆଧୁନିକ କୃଷି, ଜଳସେଚନ ସୁବିଧା, ଡ୍ରୋନ ଟେକ୍ନୋଲୋଜି, ହାଇ ଭାଲ୍ୟୁ କ୍ରପ ଏହି ସବୁ ଉପରେ ପ୍ରାଧାନ୍ୟ ଦେବାକୁ ହେବ ବୋଲି ସେ ପ୍ରକାଶ କରିଥିଲେ। ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ପରିଡା ଯୋଗଦେଇ ଜଳବାୟୁରେ ଅନିୟମିତତା ହିସାବରେ ଚାଷକାର୍ଯ୍ୟ କିପରି ଭଲ ଭାବରେ କରାଯିବ ସେ ଦିଗରେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କହିଥିଲେ। କିପରି ସ୍ୱଳ୍ପ ଖର୍ଚ୍ଚରେ ଚାଷୀ ଚାଷକରି ଅଧିକ ଲାଭବାନ ହୋଇପାରିବେ ସେ ଦିଗରେ ମଧ୍ୟ ଧ୍ୟାନ ଦିଆଯାଉଛି। ମାଟିକୁ ଉର୍ବର ରଖିବା ନିମନ୍ତେ ରାସାୟନିକ ସାର କମ୍ ବ୍ୟବହାର ଓ ଜୈବିକ ସାରର ଅଧିକ ବ୍ୟବହାର କରିବାକୁ ପରିଡ଼ା ସମସ୍ତ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ରାଧେଶ୍ୟାମ ବେହେରା, ସବ ଡିଭିଜନାଲ ପ୍ରାଣୀ ସମ୍ପଦ ଅଧିକାରୀ ସୁଶାନ୍ତ ବେହେରା, ଅତିରିକ୍ତ ଜିଲ୍ଲା ପ୍ରାଣୀ ସମ୍ପଦ ଅଧିକାରୀ ଡା. ରଞ୍ଜିତ କୁମାର ସାହୁ, ଧର୍ମଶାଳା କୃଷିଜିଲ୍ଲା ଅଧିକାରୀ ଦିଲୀପ ମହାନ୍ତି, କୃଷି ବିଭାଗ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ, ସମସ୍ତ ବ୍ଲକରୁ ଆସିଥିବା କୃଷକ ଓ ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

# ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

**ସିଂହପୁର,୨୭।୮ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଅଜୟ ବଳଙ୍କ ଝିଅ ରିତୁ ବଳ(୨୩)ଙ୍କ ବୁଧବାର ସନ୍ଦେହଜନକଭାବେ ମୃତ୍ୟୁ ହୋଇଛି। ରିତୁ ସିଂହପୁର କଲେଜ ଛକ ନିକଟରେ ଏକ ବିଉଟି ପାର୍ଲର କରିଥିଲେ। ପ୍ରତିଦିନ ପରି ଘଟଣାଦିନ ପାର୍ଲରକୁ ଆସିଥିଲେ। ସନ୍ଧ୍ୟାରେ ପରିବାର ଲୋକେ ରିତୁଙ୍କ ମୋବାଇଲକୁ ଫୋନ କରିଥିଲେ। ହେଲେ ସେ ଫୋନ କଲ୍ ରିସିଭ୍ କରି ନ ଥିଲେ। ଏହାପରେ ପରିବାର ଲୋକେ ପାର୍ଲରକୁ ଯାଇଥିଲେ। ଏହି ସମୟରେ ସେ ପାର୍ଲର ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ତାଙ୍କୁ କେହି ହତ୍ୟା କରି ଟଙ୍ଗାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

# କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ

**କଳିଙ୍ଗନଗର,୨୭।୮ (ଶୁଭାଶିଷ ରାଉତ):**

ଦାନଗଦୀ ବ୍ଲକ ଅନ୍ତର୍ଗତ ଦାନଗଦୀ ଗାଁରେ କୂଅରେ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗାଁର ସନାତନ ପାତ୍ରଙ୍କ ପୁଅ ଚନ୍ଦନ ପାତ୍ର(୫୩)। ମଙ୍ଗଳବାର ରାତିରୁ ଚନ୍ଦନ ନିଖୋଜଥିଲେ। ବୁଧବାର ସକାଳେ ଘର ପାଖ କୂଅରେ ତାଙ୍କ ଚପଲ ଭାସୁଥିବା ଦେଖି ଖୋଜାଖୋଜି କରାଯାଇଥିଲା। ଏହି ସମୟରେ ସେଠାରୁ ତାଙ୍କ ମୃଦଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ପରିବାର ଲୋକେ ରୋଜଗାର କ୍ଷମ ପୁଅକୁ ହରାଇ ଦୁଃଖରେ ଭାଙ୍ଗି ପଡିଛନ୍ତି। ଏନେଇଯାଜପୁର ରୋଡ୍ ପୋଲିସ ନଂ.୩୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଯାଦବ ମହାସଭା ପକ୍ଷରୁ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

**କଳିଙ୍ଗନଗର,୨୭।୮ (ଶୁଭାଶିଷ ରାଉତ):**

ଯାଜପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ବ୍ଲକ କାର୍ଯ୍ୟକାରିଣୀ ଓ କର୍ମକର୍ତ୍ତା ଚୟନ ବୈଠକ ଦାନଗଦି ବ୍ଲକ ସଭାପତି ରବୀନ୍ଦ୍ର ବାରିକଙ୍କ ଆହ୍ୱାନକ୍ରମେ ଚିତ୍ରୀ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସଭାରେ କାର୍ଯ୍ୟକାରୀ ସଭାପତି ନିର୍ମଳ କୁମାର ଜ୍ୟୋତି ସଭାପତିତ୍ୱ କରିଥିଲେ। ଜିଲ୍ଲା ସଭାପତି ରାମଚନ୍ଦ୍ର ବେହେରା ଯୋଗଦେଇ ଯାଦବ ସଂଗଠନ କିପରି ଆହୁରି ସୁଦୃଢ଼ ଓ ସଶକ୍ତ ହୋଇପାରିବ ସେ ବିଷୟରେ କହିଥିଲେ। ହଜିଯାଉଥିବା ଯାଦବ ବଂଶର ପରମ୍ପରା ଓ ସଂସ୍କୃତି କିପରି ଉଜ୍ଜୀବିତ ରହିପାରିବ ସେ ନେଇ ପରାମର୍ଶ ଦେଇଥିଲେ। ବୈଠକରେ ଉପଦେଷ୍ଟା ପଦ୍ମାକର ଗୁରୁ, ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ମହିଳା ସଭାନେତ୍ରୀ ସ୍ନେହଲତା ବାରିକ, ପ୍ରସନ୍ନ କୁମାର ବେହେରା, ଉପସଭାପତି ନିତ୍ୟାନନ୍ଦ ବେହେରା, ଉପସଭାପତି କପିଳ ଚରଣ ବେହେରା, ସହସମ୍ପାଦକ ପ୍ରଦ୍ୟୁମ୍ନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।


OFFICE OF THE PRINCIPAL
NILAMADHAB MAHAVIDYALAYA, KANTILO
At/P.O.: Kantilo, Dist.: Nayagarh, PIN - 752078 (Odisha)
NAAC Accredited "C" Grade

Letter No. 1441 Dated: 27.08.25

QUOTATION CALL NOTICE

Sealed quotation are invited from reputed and registered firms/authorized suppliers/dealers having valid and uptodate GST Registration/IT Clearance, PAN, TIN and ISO, Dealers certified for the supply of the materials of IT infrastructure i.e. (1) Desktop (i3 and above), (2) UPS (Digital), (3) MFM Printers, (4) LED Android Smart TV (65 inch), (5) Wireless Microphone & Camera for Virtual Meetings with LAN Connectivity.
The suppliers should quote the unit price inclusive of all taxes, installation and transportation cost. The related quotation should reach the undersigned on or before 05.09.2025, 5 P.M. by Regd./Speed Post. For more details contact of the Office of the Principal from 10.30 A.M. - 2.30 P.M. on all working days and refer letter No. 12655/Dt.05.03.2025 of DHE, Govt. of Odisha.
N.B.: The undersigned reserves the rights to cancel fully or partially the quotation process without citing any reason thereof.

Sd./- Principal
N.M. Mahavidyalaya, Kantilo


# ବନ୍ୟା ଅଞ୍ଚଳରେ ରିଲିଫ୍, ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ

**ଯାଜପୁରଟାଉନ,୨୭।୮ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ବୈତରଣୀ ନଦୀରେ ବନ୍ୟାଜଳ ବୃଦ୍ଧି ପାଇ ଏହାର ଶାଖା କାଣୀ ନଦୀର ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ପଞ୍ଚାୟତରେ ଏକ ଘାଇ ସୃଷ୍ଟି ହୋଇ ୨୦ ଟି ପଞ୍ଚାୟତ ଜଳବନ୍ଦୀ ହୋଇଛି। ବ୍ଲକର କଷପା, ମଲିକାପୁର, ତରପଦା, ସୁଶୁଆ, ଦୁଦୁରାଅଣ୍ଟା, ନିଜାମପୁର, ଦଉପୁର, କୟାଁ, କମରଡିହ, ଖାନନଗର, ଛଟିଣା, ମଙ୍ଗଳପୁର, ଯୟନ୍ତରା, କଟିକଟା ପଞ୍ଚାୟତ ବନ୍ୟାଜଳରେ ପ୍ରଭାବିତ ହୋଇଛନ୍ତି। ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ବନ୍ୟାଞ୍ଚଳ ଗସ୍ତ କରି ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି।

ବୁଧବାର ଅପରାହ୍ନ ୫ଟା ସୁଦ୍ଧା ମିଳିଥିବା ସୂଚନା ଅନୁଯାୟୀ, ଯାଜପୁର ଓ ଦଶରଥପୁର ବ୍ଲକର ୨୧ ପଞ୍ଚାୟତର ୧୮,୪୩୩ ଜଣ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ୯୬୪୬ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ୩୨ ରିଲିଫ ସେଣ୍ଟର୍‌ରେ ପ୍ରଭାବିତ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ବନ୍ୟା ଅଞ୍ଚଳରେ ୧୫୦ କୁଇଣ୍ଟାଲ ଚୁଡ଼ା ଓ ୧୫ କୁଇଣ୍ଟାଲ ଗୁଡ଼ ବଣ୍ଟନ କରାଯାଇଛି। ଆମ୍ବୁଲାନ୍ସ ସହ ୪ ମେଡିକାଲ ଟିମ ଓ ୧୦ ଭେଟେରୀନାରୀ ଟିମ ନିୟୋଜିତ ହୋଇଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟରେ ୨ ଓଡ୍ରାଫ ଓ ୩ ଅଗ୍ନିଶମ ଦଳ ନିୟୋଜିତ ହୋଇଛନ୍ତି। ବନ୍ୟାଞ୍ଚଳରେ ୩୬୨୫ ଓଆରଏସ, ୧୨୪୦୦ ହାଲୋଜିନ ବଟିକା ବଣ୍ଟନ କରାଯାଇଛି। ୨୦୭ କୂଅ ମଧ୍ୟରୁ ୧୦୨ କୂଅ ପାଣିକୁ ବିଶୁଦ୍ଧିକରଣ କରାଯାଇଛି। ବୈତରଣୀ, ବ୍ରାହ୍ମଣୀ ଓ ଖରସ୍ରୋତା ବନ୍ୟା ଦ୍ୱାରା ୪ଟି ବ୍ଲକର ୧୩୬ ଗ୍ରାମର ୩୮୩୫ ହେକଟର ଚାଷ ଜମି ବୁଡ଼ିଯାଇଛି। ୨୩୬୬୪ ଗୋରୁ ପ୍ରଭାବିତ ହୋଇଛନ୍ତି।



ଜିଲ୍ଲା ପ୍ରଶାସନିକ ଅଧିକାରୀ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।


**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, **ଶ୍ରୀ ଅନୁପମ ଦାସ, ପିତା: ଅଜିତ କୁମାର ଦାସ, ବୟସ: ୫୦ ବର୍ଷ, ଯିଏ କି ଲୁକାସ୍ ଇଣ୍ଡିଆନ୍ ସର୍ଭିସ୍ ଲିମିଟେଡ୍‌ରେ ଜୋନାଲ୍ ହେଡ୍ ଭାବେ ତା୦୨।୦୬।୨୦୧୪ରୁ ୦୨।୦୮।୨୦୨୫ରିଖ ପର୍ଯ୍ୟନ୍ତ** କାର୍ଯ୍ୟରତ ଥିଲେ, ସେ ବର୍ତ୍ତମାନ ଆଉ ଏଲ୍‌ଆଇଏସ୍‌ର ଜଣେ କର୍ମଚାରୀ ନୁହନ୍ତି । ତାଙ୍କ ସହିତ କାରବାର କରୁଥିବା ବ୍ୟକ୍ତିମାନେ ସମ୍ପୃକ୍ତ କାରବାରକୁ ନିଜ ରିସ୍କରେ ସମ୍ପନ୍ନ କରିବେ ଏବଂ କୌଣସି ଆର୍ଥିକ ଅଥବା ଅନ୍ୟାନ୍ୟ ନେଣଦେଣ ପାଇଁ କମ୍ପାନୀ ଦାୟୀ ରହିବ ନାହିଁ।

ଅଧିକୃତ ସ୍ୱାକ୍ଷରକର୍ତ୍ତା
ଲୁକାସ୍ ଇଣ୍ଡିଆନ୍ ସର୍ଭିସ୍ ଲିମିଟେଡ୍



OFFICE OF THE
NOTIFIED AREA COUNCIL, PIPLI, DIST.: PURI
Ph.: 06758-241442, E-mail ID: piplinac@gmail.com

No. C-967

INVITATION FOR BID
e-PROCUREMENT NOTICE

No. 1467 Dt.25.08.2025

Bid Reference No.: PIPILI-NAC-3(1)/2025-26
Bid Identification No.: 2025_ORULB_116418

1. Type of Works : Civil works as mentioned in DTCN
2. Total No. of Work : 1
3. Bid Value : As per DTCN
4. Period of Completion : 12 Months
5. Date and time Schedule
Submission Start : From 12 hours of 29.08.2025
Submission End : 17 Hrs. of 17.09.2025
6. Opening of Bid in Online : From 11.00 A.M. of 18.09.2025 onwards

Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in.
OIPR-13107/11/0008/2526 Sd./- Executive Officer, Pipli NAC



OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO.II, BHUBANESWAR
eerb2_bbsr@yahoo.com

INVITATIONS FOR BIDS THROUGH e-Procurement
Bid Identification No. C.C. (R&B) - 02
e-Procurement Notice No. 15 of 2025-26

No. B-439: The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for **One** Number **Building** works to be received in online bidding, **Double** Cover System as detailed in: **https://tendersorissa.gov.in**. The details of bid documents will be available in the above website from **01.09.2025 to 5.00 P.M. of 15.09.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 16.09.2025** in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/corrigendum, if required, will be available only in the website.

Sd./- Superintending Engineer
OIPR-34088/11/0020/2526 BBSR (R&B) Division No.II, BBSR



P.G. TEACHING DEPARTMENTS
Utkal University of Culture
SanskrutiVihar, Madanpur, Bhubaneswar-752054
E-mail: pgheaduuc@gmail.com Website: www.uuc.ac.in

No. CAD-1590 No.-357 Dt.-26-8-25

SPOT ADMISSION NOTICE

Spot admission to vacant seats in different P.G. Departments of MPA / MVA & General Studies of Utkal University of Culture, Sanskruti Vihar, Madanpur, Bhubaneswar for the Academic Session-2025-27 shall be made on 04.09.2025. Interested candidates are required to apply through on-line mode and report in the P.G. Office of the University in between 11.00 AM to 3.30 PM on 04.09.2025 positively with all original certificates and photo copies of the relevant documents. Details of the vacancy position in different Departments is available in University Website. For more details visit University website www.uuc.ac.in.

By order of the Hon'ble V.C.
Sd/-
OIPR-03005/11/0020/2526 Head, PG Teaching Departments, UUC


# କମୁନି ବନ୍ୟା ପ୍ରଭାବିତଙ୍କ ଦୁର୍ଦ୍ଦଶା

## ପିଇବା ପାଣି ପାଇଁ ଲୋକେ ଉହଲବିକଳ



ଏକ ଟ୍ୟୁବ୍‌ୱେଲ୍‌ରୁ ଲୋକେ ପାନୀୟଜଳ ସଂଗ୍ରହ କରୁଛନ୍ତି।

**ଦଶରଥପୁର,୨୭।୮ (ସୁଶାନ୍ତ କୁମାର ବେହୁରିଆ):**

ବୈତରଣୀ ଓ ଏହାର ଶାଖା କାଣୀ ନଦୀରେ ବନ୍ୟା ଆସିବା ଫଳରେ ଦଶରଥପୁର ବ୍ଲକର ଲକ୍ଷାଧିକ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଶହଶହ ସଂଖ୍ୟାରେ ଗୃହପାଳିତ ପ୍ରାଣୀ ନିଖୋଜ ହୋଇଯାଇଛନ୍ତି। ବ୍ଲକ୍‌ର ଦୁଇଜଣଙ୍କ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ବୁଧବାର ସନ୍ଧ୍ୟାସୁଦ୍ଧା ଆଖୁଆପଦାଠାରେ ବନ୍ୟା ଜଳ ବିପଦସଂକେତ ତଳେ ପ୍ରବାହିତ ହେଉଥିବାବେଳେ ଦଶରଥପୁର ବ୍ଲକର ତଳିଆ ଅଞ୍ଚଳରେ ପାଣି ବଢ଼ିବାରେ ଲାଗିଛି। ବିଶେଷକରି କୟାଁ, କମାରଡ଼ିହି, ଖାନନଗର, ଥାଲକୁଡ଼ି, ନିଜାମପୁର, ଦଉପୁର, ଶୁଶୁଆ, ଦୁଦୁରାଅନ୍ତା ଆଦି ପଞ୍ଚାୟତର ଅଧିକାଂଶ ରାସ୍ତାଘାଟ ବନ୍ୟାପାଣିରେ ବୁଡ଼ିରହିଛି।

କସପା ସ୍ଥିତ କାଣୀ ନଦୀର ମୁକୁଳା ଘାଇରୁ ଅନବରତ ବନ୍ୟା ଜଳ ପ୍ରବାହିତ ହୋଇ ମଲ୍ଲିକାପୁର, କସପା ଓ ତରପଦା ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଶତାଧିକ ଘର ଭାଙ୍ଗିଯାଇଛି। ହଜାରହଜାର ସଂଖ୍ୟାରେ ଜନସାଧାରଣ ବିଭିନ୍ନ ବିଦ୍ୟାଳୟରେ ଆଶ୍ରୟ ନେଇଛନ୍ତି। ବନ୍ୟା ଯୋଗୁ ବିଭିନ୍ନ ସ୍ଥାନରେ ଥିବା ନଳକୂପଗୁଡ଼ିକ ବୁଡ଼ିଯାଇଛି। ପିଇବା ପାଣି ପାଇଁ ଲୋକେ ଉହଲବିକଳ ହେଉଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ୩ରୁ୪ଫୁଟ ପାଣିରେ ପଶି ଲୋକେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି। ୨ ଦିନ ତଳେ କଟିକଟା ପଞ୍ଚାୟତର ଭଗବାନ ମାଝୀ(୭୦) ବନ୍ୟା ସ୍ରୋତରେ ଭାସିଯାଇ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ମଲ୍ଲିକାପୁରଠାରେ ବନ୍ୟା ସ୍ରୋତରେ ଭାସିଯାଇ ନିଖୋଜ ଥିବା ମଦନ ରଣା(୧୮)ଙ୍କ ମୃତଦେହ ବୁଧବାର ଶଙ୍ଖୁଆ ନାଳ ନିକଟରୁ ଉଦ୍ଧାର କରାଯାଇଛି।


GOVERNMENT OF ODISHA
OFFICE OF THE SUPERINTENDING ENGINEER
P.H. DIVISION, BHANJANAGAR, AT: CHATRAPUR
E-mail: eephchpr@gmail.com
NATIONAL COMPETITIVE BIDDING THROUGH e-Procurement
Invitation for Bids (IFB)
No. C-966

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | Availability of Bid Document for Online Bidding To | Name & address of Office Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Diversion of 200mm dia clear water rising main pipe line across railway track for filling ESR at Rikapalli with ancillary works, Chatrapur under State Plan - "BASUDHA" 2024-25 | Identification No. 20/03/SPH(C)/ 2025-26 Dt.22.08.2025 | 66.80 | 3 (Three) Calendar Months | 11.00 Hrs. of 01.09.2025 | 17.30 Hrs. of 16.09.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on Dt.17.09.2025 at 01.00 P.M.
Further dtails can be seen from the e-procurement portal https://www.tenderorissa.gov.in.
OIPR-13013/11/0020/2526 Sd./- Additional Chief Engineer (PH), P.H. Division, Bhanjanagar at Chatrapur



GOVERNMENT OF ODISHA
OFFICE OF THE SUPERINTENDING ENGINEER
GANJAM (R&B) DIVISION NO.I, BERHAMPUR
Phone/Fax: (0680) 2233683, e-mail: sernb1.ganjam@yahoo.com

No. B-426 "e" Procurement Notice
Bid Identification No. SE R&B Divn. No. I Bam 04/2025-26
Lr. No. 10237 Dtd.18.08.2025

Name of Work : E.I. Work
No. of Works : 20 (Twenty) Nos.
Estimated Cost : Approximately Rs.29.82 lakh
Period of Completion : 3 (Months) to 1 (One) year
Date and time of availability of bid document in the portal : From 10.00 hours of 02.09.2025 to 16.00 hours of 09.09.2025
Last date/time for receipt of bids in the portal : Upto 16.00 hours of 09.09.2025
Name & address of the Officer Inviting Bid : Superintending Engineer, Ganjam (R&B) Division No. I, Berhampur
Further details can be seen from the e-Procurement portal **https://tendersodisha.gov.in**.

Sd./- Superintending Engineer
Ganjam (R&B) Division No. I
OIPR-34109/11/0035/2526 Berhampur



Government of Odisha
Higher Education Department

Timeline for Phase-II e-Admission into P.G. Courses under SAMS in the Higher Education Institutions for the Academic Session 2025-26

No. N-155: The timeline for Phase-II Admission into P.G. Courses for the session 2025-26 in the state Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website **www.samsodisha.gov.in**. Kindly refer the Common Prospectus (CP)/Guidelines available in the SAMS portal to know about the activities.

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) in the Student login for providing fresh options on the website **www.samsodisha.gov.in** | 23 Aug 2025 (02.00 P.M.) |
| 2 | Last date for applying online Common Application Form (CAF) through **www.samsodisha.gov.in** | 03 Sept. 2025 (upto 11.45 P.M.) |
| 3 | Publication of provisional allotment of seats for 1st Round selection along with the list of waitlisted applicants (for the remaining upper choice HEIs - Waiting Rank Wise) in HEI's e-Space as per the actual vacancy as on 03.09.2025 | 09 Sept. 2025 (04.00 P.M.) |
| 4 | **For First (1st) Round Admission:** Reporting of selected applicants (with the downloaded intimation letter from their login) and payment of admission fees at the allotted institutions, directly in online mode (Net Banking/Bank Challan/NEFT/UPI etc.) for taking admission | 10 Sept. 2025 (10.00 A.M.) to 12 Sept 2025 (05.00 P.M.) |
| 5 | Data updation of the admitted students in the e-space by the respective Institutions (for First Round Admission) | 10 Sept. 2025 (10.00 A.M.) to 12 Sept. 2025 (11.45 P.M.) |
| 6 | Physical reporting of the interested waitlisted applicants for submission of CAF along with relevant documents in their respective HEIs for participating in the waiting list admission Round. The interested applicants must appear in person, however, a representative with valid ID proof may also be permitted to report on their behalf | 13 Sept. 2025 (10.00 A.M.) to 15 Sept. 2025 (02.00 P.M.) (Except Holiday) |
| 7 | Publication of merit list among the reported waitlisted applicants at their Notice Board/HEI website & communicate to the selected applicants via phone call/SMS | 16 Sept. 2025 (02.00 P.M.) |
| 8 | Reporting of the waitlisted applicants for validation of documents, Final Admission, Collection of Admission Fees directly by the HEIs in online mode (Net Banking/Bank Challan/NEFT/UPI etc.) & Admission updation of the waitlisted applicants in their e-space | 17 Sept. 2025 (10.00 A.M.) to 20 Sept. 2025 (05.00 P.M.) |

For more details please contact:
e-Admission Helpline (Toll Free) Number 155335/1800-345-6770

N.B.: Please go through the detailed P.G. Phase-II Guidelines available in SAMS P.G. Portal.
OIPR-11001/11/0104/2526 Sd./- Deputy Director, PTC Section



**ଖଡ଼ଗପୁର ମଣ୍ଡଳରେ ବିଜ୍ଞାପନ ଠିକା ପାଇଁ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଏଡିଭିଟି-କେଜିପି-୨୦୨୫-୦୮ ତାରିଖ: ୨୬।୦୮।୨୦୨୫

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ ପାଇଁ ଇ-ନିଲାମ ଆହ୍ୱାନ କରୁଛନ୍ତି: (୧) ମୌରିଗ୍ରାମ ଷ୍ଟେଶନ, କୋଲାଘାଟ ଷ୍ଟେଶନ, ଦେଉଲଟି ଷ୍ଟେଶନ, ମାଦପୁର ଷ୍ଟେଶନ, ବାଲିଛକ ଷ୍ଟେଶନ, ଆମତା ଷ୍ଟେଶନ, ଆବାଦା ଷ୍ଟେଶନ, ହଳଦିଆ ଷ୍ଟେଶନ, କାଠି ଷ୍ଟେଶନ, ଟିକିଆପଡ଼ା ଷ୍ଟେଶନ, ଗିରି ମଇଦାନ ଷ୍ଟେଶନ, ଶ୍ୟାମଛକ ଷ୍ଟେଶନ, ରାମରାଜତଲା ଷ୍ଟେଶନ, କୁଳଗାଛିଆ ଷ୍ଟେଶନ, ରାଧାମୋହନପୁର ଷ୍ଟେଶନ, ହିଜଲି ଷ୍ଟେଶନ, ଚେଙ୍ଗାଇଲ ଷ୍ଟେଶନ ଓ ଭୋଗପୁର ଷ୍ଟେଶନଠାରେ ହୋର୍ଡିଂ/ବୋର୍ଡ ମାଧ୍ୟମରେ ହୋମ୍ ଏରିଆ ବାହାରେ (ଅର୍ଥାତ୍ ଷ୍ଟେଶନ ସର୍କୁଲେଟିଂ ଏରିଆ, ପ୍ଲାଟ୍‌ଫର୍ମ ଫେନ୍ସିଂ ବାହାରେ, ପ୍ଲାଟ୍‌ଫର୍ମ ବାହାରେ ଇତ୍ୟାଦି) ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୨) ସାନ୍ତ୍ରାଗାଛି ଷ୍ଟେଶନର ଦକ୍ଷିଣ ପାର୍ଶ୍ୱ ସର୍କୁଲେଟିଂ ଏରିଆରେ ବୁକିଂ ଅଫିସ୍ ନିକଟରେ ଗୋଟିଏ ଭିଡିଓ ୱାଲ୍/ଡିଜିଟାଲ ସ୍କ୍ରିନ୍‌ର ସ୍ଥାପନା, ପରିଚାଳନା ଓ ରକ୍ଷଣାବେକ୍ଷଣ ମାଧ୍ୟମରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୩) ଦେଉଲଟି ଷ୍ଟେଶନ, ଆବାଦା ଷ୍ଟେଶନ, ହିଜଲି ଷ୍ଟେଶନ, ରାଧାମୋହନପୁର ଷ୍ଟେଶନ, କୁଳଗାଛିଆ ଷ୍ଟେଶନ, ବେଲଦା ଷ୍ଟେଶନ, ନଳପୁର ଷ୍ଟେଶନ, ହାଉର ଷ୍ଟେଶନ, ମାଦପୁର ଷ୍ଟେଶନ, କୋଲାଘାଟ ଷ୍ଟେଶନ, ଟିକିଆପଡ଼ା ଷ୍ଟେଶନ, ଫୁଲେଶ୍ୱର ଷ୍ଟେଶନ, ଚେଙ୍ଗାଇଲ ଷ୍ଟେଶନ, ବୀରଶିବପୁର ଷ୍ଟେଶନ, ଶ୍ୟାମଛକ ଷ୍ଟେଶନ, ଉଲୁବେରିଆ ଷ୍ଟେଶନ ଓ ହଳଦିଆ ଷ୍ଟେଶନର ଷ୍ଟେଶନ ଏରିଆ ମଧ୍ୟରେ ବୋର୍ଡ, ଗ୍ଲୋ ସାଇନ୍, କିଓସ୍କ ଆଦି ଆକାରରେ ବାଣିଜ୍ୟିକ ବିଜ୍ଞାପନ (ଅଣ-ଡିଜିଟାଲ)ର ପ୍ରଦର୍ଶନ । (୪) ଖଡ଼ଗପୁର ମଣ୍ଡଳରେ ଚଳାଚଳ କରୁଥିବା ଦୁଇଗୋଟି ଇଏମ୍‌ୟୁ ରେକ୍‌ର ସାଇଡ୍ ୱାଲ୍‌ର ସମଗ୍ର ବାହ୍ୟ ପୃଷ୍ଠଭାଗ (ଝରକା ଓ ରେଳବାଇର ବାଧ୍ୟତାମୂଳକ ମାର୍କିଂଗୁଡ଼ିକୁ ଛାଡ଼ି)ରେ ଭିନାଇଲ୍ ରାପିଂ ଜରିଆରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । (୫) ଟ୍ରେନ୍ ନଂ. ୧୨୮୩୭/୧୨୮୩୮ (ହାଓଡା-ପୁରୀ ଏକ୍ସପ୍ରେସ୍)ର ଏସି ୩ ଟାୟର୍ ଏବଂ ସ୍ଲିପର୍ କୋଚ୍‌ଗୁଡ଼ିକର ଆଭ୍ୟନ୍ତରୀଣ ବେ'ରେ ଆର୍‌ଡିଏସ୍‌ଓର ବିନିର୍ଦ୍ଦିଷ୍ଟତା ଅନୁଯାୟୀ ଭିନାଇଲ୍ ଷ୍ଟିକର୍ସ ଆକାରରେ ବାଣିଜ୍ୟିକ ବିଜ୍ଞାପନର ପ୍ରଦର୍ଶନ । ନିଲାମ ତାରିଖ: ୧୨।୦୯।୨୦୨୫, ୧୦.୩୦ ଘଟିକାରୁ ୧୭.୨୦ ଘଟିକା ପର୍ଯ୍ୟନ୍ତ । ନିଲାମ କାଟାଲଗ୍ ନଂ.: ଏଡିଭିଟି-କେଜିପି-୨୫-୦୮ ଯାହା https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । ଆଗ୍ରହୀ ପକ୍ଷ ଓ ଠିକାଦାରମାନେ ଏହାକୁ ଧ୍ୟାନରେ ରଖିବା ଏବଂ ଇ-ନିଲାମ ବିଜ୍ଞପ୍ତିର ବିବରଣୀ ଓ ତତ୍-ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ପରିଦର୍ଶନ କରିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ (ଯଦି ଥାଏ) ପାଇଁ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

(PR-559) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ


See Career Appointment on every Wednesday & Saturday

# କୃଷି, ଆନୁଷଙ୍ଗିକ ଉତ୍ପାଦ ରପ୍ତାନି କ୍ଷେତ୍ରରେ ଭାରତ ଆଗୁଆ

ଜଗତସିଂହପୁର,୨୭।୮ (ପ୍ରମୋଦ କୁମାର ନାୟକ)



ଜିଲାସ୍ତରୀୟ ସିଏମ୍ କିଷାନ ସହାୟତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

- ଜିଲାର ୧.୬୪ ଲକ୍ଷ ହିତାଧିକାରୀଙ୍କୁ ମିଳିଲା ସିଏମ୍ କିଷାନ ସହାୟତା
- ଯୁବ କୃଷି ଉଦ୍ୟୋଗୀଙ୍କୁ ଉତ୍ସାହିତ କରାଯାଉଛି
- ଚାଷୀଙ୍କ ସୁବିଧା, ଅସୁବିଧାରେ ରହିବା ପାଇଁ ମିଳିଲା ପ୍ରତିଶ୍ରୁତି

କୃଷି ଭିତ୍ତିକ ପର୍ବ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୫୧,୫୪,୧୧୫ ଜଣ କୃଷକଙ୍କୁ ସିଏମ୍ କିଷାନ ତୃତୀୟ କିସ୍ତି ବାବଦରେ ୧,୦୪,୧୨୯ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଭୁବନେଶ୍ୱର ଓୟୁଏଟିରେ କୃଷି ଶିକ୍ଷା ସଦନ ପରିସରରେ ଏ ନେଇ ଅନୁଷ୍ଠିତ ରାଜ୍ୟସ୍ତରୀୟ ଉତ୍ସବକୁ ବିଭିନ୍ନ ଜିଲାରେ ସଫଳ କରିବାକୁ ଉଦ୍ୟମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ଅଡିଟୋରିୟମ ସାରଳା ଦାସ ସଂସ୍କୃତି ଭବନ ପରିସରରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ଚାଷୀମାନଙ୍କ ସ୍ୱାର୍ଥ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରର ପ୍ରତିବଦ୍ଧତା ଉପରେ ଅବତାରଣା କରିଥିଲେ। ସେ କହିଥିଲେ, ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ସାମଗ୍ରୀ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛି। ଏଥିସହ କୃଷିଜାତ ସାମଗ୍ରୀ ରପ୍ତାନିକ୍ଷେତ୍ରରେ ଅଗ୍ରଗତି କରୁଛି। ଯେଉଁଥିପାଇଁ ଭାରତ କୃଷି ଓ ଆନୁଷଙ୍ଗିକ କୃଷି ଉତ୍ପାଦ ରପ୍ତାନି କ୍ଷେତ୍ରରେ ପ୍ରମୁଖ ରାଷ୍ଟ୍ର ଭାବେ ବିଶ୍ୱରେ ପରିଚିତ ହୋଇପାରିଛି। କୃଷକମାନଙ୍କ ପରିବାର ନିମନ୍ତେ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଉଛି। ଏହାଦ୍ୱାରା କୃଷକଙ୍କ ମେରୁଦଣ୍ଡ ଶକ୍ତ ହେବା ସହ ସେମାନେ ଦେଶ ତଥା ରାଜ୍ୟ ଅର୍ଥନୀତିରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାରେ ସହାୟକ ହେବେ। ଯୁବ କୃଷି ଉଦ୍ୟୋଗୀମାନଙ୍କୁ ବ୍ୟବସାୟଭିତ୍ତିକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସୁଯୋଗ ଦିଆଯାଉଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ମୁଖ୍ୟମନ୍ତ୍ରୀ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଚାଷୀମାନେ ନିଜ ସହିତ ରାଜ୍ୟର ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିପାରିବେ ବୋଲି ଆଶା ରଖାଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ ପାଇଁ ବର୍ତ୍ତମାନର ସରକାରର ଆନ୍ତରିକତା ଉପରେ ବଖାଣିଥିଲେ। ଭାଜପା ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ନିରନ୍ତର ଉଦ୍ୟମ ଜାରି ରହିଛି। ଚାଷ କାର୍ଯ୍ୟ ଆରମ୍ଭରୁ ଫସଲ ବିକ୍ରି ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଚାଷୀଙ୍କ ସହିତ ସରକାର ରହିଛି। ଜଗତସିଂହପୁରର ମାନ, ପାନ ଓ ଧାନ ଆଦି କ୍ଷେତ୍ରରେ ରାଜ୍ୟରେ ଅଗ୍ରଣୀ ଜିଲା ଭାବେ ପରିଗଣିତ ହୋଇପାରିଛି। ଆଗାମୀଦିନରେ ମଧ୍ୟ ଚାଷୀଙ୍କ ସୁବିଧା, ଅସୁବିଧା ସମୟରେ ସେମାନଙ୍କ ପାଖରେ ଛିଡା ହୋଇ ରହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଓ ଏମ୍‌ପି ବିଭୁ ପ୍ରସାଦ ତରାଇ ପ୍ରମୁଖ ଚାଷୀ ଓ ଚାଷର ଗୁରୁତ୍ୱ ଉପରେ କହିଥିଲେ। ଆମେ ଯାହା ଖାଉଛେ ତାହା ଚାଷୀଙ୍କ କଷ୍ଟ ଅର୍ଜିତ ଉତ୍ପାଦନ। ଚାଷୀଙ୍କ ଉନ୍ନତି ହେଲେ ରାଜ୍ୟ ତଥା ଦେଶର ଉନ୍ନତି ସମ୍ଭବ। ଏହାକୁ ଦୃଷ୍ଟିରେ ରଖି ଚାଷୀମାନଙ୍କ ସହିତ ସରକାର ସହଯୋଗର ହାତ ବଢାଉଛନ୍ତି। ତଥାପି କୃଷି ଓ କୃଷକଙ୍କୁ ଆବଶ୍ୟକ ମାର୍କେଟର ଅଭାବ ରହିଛି। ଏହା ଯୋଗାଯାଇ ପାରିଲେ ଚାଷୀ ସେମାନଙ୍କ ଉତ୍ପାଦିତ ସାମଗ୍ରୀ ଉଚିତ ମୂଲ୍ୟ ବିକି ଲାଭବାନ ହୋଇପାରିବେ। ଯାହା ବାସ୍ତବ ଲକ୍ଷ୍ୟ ପୂରଣ କରିପାରିବ ବୋଲି ଅତିଥିମାନେ କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଜିଲାର ୧,୬୪,୦୪୮ ଜଣ ହିତାଧିକାରୀଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉ କି, ପ୍ରତି ଫସଲ ଋତୁ ପାଇଁ କ୍ଷୁଦ୍ର ଓ ନାମମାତ୍ର କୃଷକଙ୍କୁ ୨୦୦୦ ହିସାବରେ ବାର୍ଷିକ ୪୦୦୦ ଟଙ୍କା ପ୍ରଦାନ କରାଯାଉଥାଏ। ଏହି ସହାୟତା ରାଶି କୃଷକମାନେ ଆବଶ୍ୟକ କୃଷି ସାମଗ୍ରୀ କ୍ରୟ କ୍ଷେତ୍ରରେ ବ୍ୟବହାର ହୋଇଥାଏ। ଭୂମିହୀନ କୃଷକ ପରିବାରଙ୍କୁ ଛେଳି, କୁକୁଡ଼ା, ବତକ ପାଳନ ସାଙ୍ଗକୁ ଛତୁ, ମହୁଚାଷ ଓ ଅନ୍ୟ ଆନୁଷଙ୍ଗିକ କୃଷି କାର୍ଯ୍ୟ ନିମନ୍ତେ ୩ ଟି କିସ୍ତିରେ ୧୨,୫୦୦ ଟଙ୍କା ହିସାବରେ ପ୍ରଦାନ କରାଯାଉଥାଏ। ସିଏମ୍ କିଷାନ ହିତାଧିକାରୀଙ୍କ ପିଲାଙ୍କ ସ୍ୱତନ୍ତ୍ର ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ତଥା ବୃତ୍ତିଧାରୀମାନଙ୍କ ଶିକ୍ଷା ନିମନ୍ତେ କୃଷି ବିଦ୍ୟାନିଧି ଯୋଜନାରେ ସହାୟତା ଦିଆଯାଉଥାଏ।

# ଧରିତ୍ରୀ ଖବରଦାତା ମା'ଙ୍କ ପରଲୋକ

ତିର୍ତ୍ତୋଲ,୨୭।୮
(ଗୌରାଙ୍ଗ ଚରଣ ସ୍ୱାଇଁ)



ପ୍ରମିଳା ସିଂହ

ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ପଞ୍ଚାୟତ ଗୋକୁଳପୁର ଗାଁର ସ୍ୱର୍ଗତ କାଶୀନାଥ ସିଂହଙ୍କ ଧର୍ମପତ୍ନୀ ପ୍ରମିଳା ସିଂହ (୯୦)ଙ୍କ ବୁଧବାର ସକାଳେ ନିଜ ବାସଭବନରେ ପରଲୋକ ହୋଇଛି। ଏହି ବ୍ଲକ ଧରିତ୍ରୀ ଖବରଦାତା ରାଜେନ୍ଦ୍ର ନାରାୟଣ ସିଂହଙ୍କ ମା' ଅଟନ୍ତି। କିଛିଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସେ ଜଣେ ପରୋପକାରୀ ମିଷ୍ଟଭାଷୀ ସ୍ୱଭାବର ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ରାହାସ ବିହାରୀ ସିଂହ, ବୋହୂ, ଝିଅଙ୍କୁ ଓ ନାତୁଣୀନାତି ଉପସ୍ଥିତ ଥିଲେ। ଖବରପାଇ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ବନ୍ଧୁ ଓ ଆତ୍ମୀୟସ୍ୱଜନ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ପ୍ରମିଳାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମଧ୍ୟମ ପୁତ୍ର ଇନ୍ଦ୍ରଜିତ ମୁଖାଗ୍ନି ଦେଇଥିଲେ।


**OFFICE OF THE PRINCIPAL**
**NILAMADHAB MAHAVIDYALAYA, KANTILO**
At/P.O.: Kantilo, Dist.: Nayagarh, PIN - 752078 (Odisha)
NAAC Accredited "C" Grade
Letter No. 1441 Dated: 27.08.25

**QUOTATION CALL NOTICE**

Sealed quotation are invited from reputed and registered firms/authorized suppliers/dealers having valid and updated GST Registration/IT Clearance, PAN, TIN and ISO, Dealers certified for the supply of the materials of IT infrastructure i.e. (1) Desktop (i3 and above), (2) UPS (Digital), (3) MFM Printers, (4) LED Android Smart TV (65 inch), (5) Wireless Microphone & Camera for Virtual Meetings with LAN Connectivity.
The suppliers should quote the unit price inclusive of all taxes, installation and transportation cost. The related quotation should reach the undersigned on or before 05.09.2025, 5 P.M. by Regd./Speed Post. For more details contact of the Office of the Principal from 10.30 A.M. - 2.30 P.M. on all working days and refer letter No. 12655/Dt.05.03.2025 of DHE, Govt. of Odisha.
**N.B.:** The undersigned reserves the rights to cancel fully or partially the quotation process without citing any reason thereof.
Sd./- Principal
N.M. Mahavidyalaya, Kantilo


# ବନ୍ୟା ପାଣି ଘେରରେ ରାଜନଗରର ୪ ପଞ୍ଚାୟତ

ରାଜନଗର,୨୭।୮
(ଭାସ୍କର ରାଉତରାୟ)



ରାଜନଗର ଓଡ଼ିଆ ବଜାରରେ ପାଣି।

ବ୍ରାହ୍ମଣୀରେ ଦ୍ୱିତୀୟ ବନ୍ୟା ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ାଇ ଦେଇଛି। ରାଜନଗର ବ୍ଲକର ବନ୍ଧପଡ଼ା, ଓଡ଼ିଆ, ବେଲପାଳ, ରାଜପୁର ପଞ୍ଚାୟତ ଘେରରେ ରହିଛି। ଗତ ୪ ଦିନ ହେଲା ବନ୍ୟା ପାଣି ବଢୁଥିବାରୁ ବିପନ୍ନଙ୍କ ଦୁଃଖ ବଢିବାରେ ଲାଗିଛି। ୧୫ରୁ ଅଧିକ ଗାଁ ରାସ୍ତା ଉପରେ ୪ରୁ ୬ ଫୁଟ ଉଚ୍ଚର ବନ୍ୟା ପାଣି ଚାଲୁଛି। ୩୦୦ ପରିବାର ୫ ଦିନ ହେଲା ପାଣି ଘେରରେ ଥିଲେ ମଧ୍ୟ ପ୍ରଶାସନ ଆଜି ଯାଏ ବିପନ୍ନଙ୍କ ନିକଟରେ ପହଞ୍ଚି ପାରିନାହିଁ। ବିଶେଷ କରି ନଗଦ ଗାଁର ଅନ୍ୟପକ୍ଷେ ସଚ୍ଚପଡ଼ା ବାରିକ ସାହିରେ ୪ ପରିବାରର ଘର ଭିତରେ ୪ ଫୁଟ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେଉଛି। ରାଜନଗର ବ୍ଲକ୍ ବନ୍ଧପଡ଼ା, ଓଡ଼ିଆ, ବେଲପାଳ, ରାଜପୁର, କେରଡ଼ାଗଡ଼, ବାଲିସାହିପାଟଣା ପଞ୍ଚାୟତର ଶତାଧିକ ଏକର ଜମିର ଚଳିଘେରାକୁ ୭ ଦିନ ହେଲା ବନ୍ୟା ପାଣି ବୁଡାଇ ରଖିଛି। ଅନ୍ୟପକ୍ଷେ ବନ୍ୟା ଅଞ୍ଚଳର ନଗଦ ଓ ଓଡ଼ିଆ ନିକଟରେ ବିପନ୍ନ କୁମ୍ଭୀର ଭାସୁଥିବା ଦେଖୁଛନ୍ତି। ଏହାପରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି।


**OFFICE OF THE NOTIFIED AREA COUNCIL, PIPLI, DIST.: PURI**
Ph.: 06758-241442, E-mail ID: piplinac@gmail.com
No. C-967
**INVITATION FOR BID**
**e-PROCUREMENT NOTICE**
No. 1467 Dt.25.08.2025
Bid Reference No.: PIPILI-NAC-3(1)/2025-26
Bid Identification No.: 2025_ORULB_116418

| | | |
|---|---|---|
| 1. | Type of Works | Civil works as mentioned in DTCN |
| 2. | Total No. of Work | 1 |
| 3. | Bid Value | As per DTCN |
| 4. | Period of Completion | 12 Months |
| 5. | Date and time Schedule | |
| | Submission Start | From 12 hours of 29.08.2025 |
| | Submission End | 17 Hrs. of 17.09.2025 |
| 6. | Opening of Bid in Online | From 11.00 A.M. of 18.09.2025 onwards |

Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in.
OIPR-13107/11/0008/2526 Sd./- Executive Officer, Pipli NAC



**P.G. TEACHING DEPARTMENTS**
**Utkal University of Culture**
Sanskruti Vihar, Madanpur, Bhubaneswar-752054
E-mail: pgheaduuc@gmail.com Website: www.uuc.ac.in
No. CAD-1590 No.387 Dt.26.8.25

**SPOT ADMISSION NOTICE**

Spot admission to vacant seats in different P.G Departments of MPA / MVA & General Studies of Utkal University of Culture, Sanskruti Vihar, Madanpur, Bhubaneswar for the Academic Session-2025-27 shall be made on 04.09.2025. Interested candidates are required to apply through on-line mode and report in the P.G Office of the University in between 11.00 AM to 3.30 PM on 04.09.2025 positively with all original certificates and photo copies of the relevant documents. Details of the vacancy position in different Departments is available in University Website. For more details visit University website www.uuc.ac.in.
By order of the Hon'ble V.C.
Sd/-
OIPR-03005/11/0020/2526 Head, PG Teaching Departments, UUC



**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO.II, BHUBANESWAR**
eerb2_bbsr@yahoo.com
**INVITATIONS FOR BIDS THROUGH e-Procurement**
Bid Identification No. C.C. (R&B) - 02
e-Procurement Notice No. 15 of 2025-26
No. B-439: The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for **One** Number **Building** works to be received in online bidding, **Double** Cover System as detailed in: **https://tendersorissa.gov.in**. The details of bid documents will be available in the above website from **01.09.2025 to 5.00 P.M. of 15.09.2025**. The bidders must possess compatible Digital Signature Certificate of Class II or III. Bids received online shall be opened at **11.00 A.M. of 16.09.2025** in the Office of the Superintending Engineer, Bhubaneswar (R&B) Division No. II, Bhubaneswar. Further details can be seen from the e-procurement portal **www.tendersorissa.gov.in**.
Addendum/corrigendum, if required, will be available only in the website.
Sd./- Superintending Engineer
OIPR-34088/11/0020/2526 BBSR (R&B) Division No.II, BBSR



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO.I, BERHAMPUR**
Phone/Fax: (0680) 2233683, e-mail: sernb1.ganjam@yahoo.com
No. B-426 **"e" Procurement Notice**
Bid Identification No. SE R&B Divn. No. I Bam 04/2025-26
Lr. No. 10237 Dtd.18.08.2025

| | |
|---|---|
| Name of Work | E.I. Work |
| No. of Works | 20 (Twenty) Nos. |
| Estimated Cost | Approximately Rs.29.82 lakh |
| Period of Completion | 3 (Months) to 1 (One) year |
| Date and time of availability of bid document in the portal | From 10.00 hours of 02.09.2025 to 16.00 hours of 09.09.2025 |
| Last date/time for receipt of bids in the portal | Upto 16.00 hours of 09.09.2025 |
| Name & address of the Officer Inviting Bid | Superintending Engineer, Ganjam (R&B) Division No. I, Berhampur |

Further details can be seen from the e-Procurement portal **https://tendersodisha.gov.in.**
Sd./- Superintending Engineer
Ganjam (R&B) Division No. I
OIPR-34109/11/0035/2526 Berhampur


# ପଞ୍ଚାମୁଣ୍ଡାଇରେ ବନ୍ୟା ପରିସ୍ଥିତି ଗମ୍ଭୀର

- ସିଂହଗାଁ, ଶ୍ରୀରାମପୁର, ବାଛଡ଼ା ଡାମରପୁର, ତନୁପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ
- କୁମ୍ଭୀର ଆତଙ୍କ ଲାଗି ରହିଛି
- ଗୋଖାଦ୍ୟ, କିରୋସିନ, ତ୍ରିପାଲ୍ ପାଇଁ ଦାବି

ପଞ୍ଚାମୁଣ୍ଡାଇ,୨୭।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଞ୍ଚାମୁଣ୍ଡାଇ ଧୋୟାଞ୍ଚଳରେ ୧୦ ପଞ୍ଚାୟତ, ପୌରାଞ୍ଚଳର ୧୧ଟି ୱାର୍ଡରେ ବାରଥର ବନ୍ୟା ଆସି ଲୋକେ ଅସୁବିଧା ଭୋଗ କରୁଛନ୍ତି। ଚଳିତବର୍ଷ ତୃତୀୟ ଥର ବନ୍ୟା ଜଳ ପ୍ରବେଶ କରି ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଓ ୧୫ ହଜାର ଗୃହ ପାଣିରେ ପ୍ରାଣୀ ଜଳବନ୍ଦୀ ହୋଇଛନ୍ତି। ବ୍ରାହ୍ମଣୀରେ ବନ୍ୟା ଜଳ ବୃଦ୍ଧି ପାଉଥିବାରୁ ଧୋୟାଞ୍ଚଳର ଲୋକ ଆତଙ୍କିତ ହୋଇପଡ଼ିଛନ୍ତି। ଏହାଛଡ଼ା କୁମ୍ଭୀର ଭୟ ଲୋକମାନଙ୍କୁ ଅଧିକ ଆତଙ୍କିତ କରିଛି। ପଞ୍ଚାମୁଣ୍ଡାଇ ବ୍ଲକର ସବୁଠାରୁ ଦୁର୍ଗମ ଅଞ୍ଚଳ ଭାବେ ପରିଚିତ ସିଂହଗାଁ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀର ସିଂହଗାଁ, ଅଳପୁଆ, ତଡ଼ିପାଳ, ପେଣ୍ଠପାଳ, ଅଣ୍ଡରା, ଅନୁନଗରହିଁ, ବଲୁଆଁ, ବାଲିପାଟଣା, ନିଳକଣ୍ଠପୁର ଆଦି ପଞ୍ଚାୟତ ବହୁ ଏକର ଚାଷଜମି ଜଳମଗ୍ନ ହୋଇପଡ଼ିଛି। ଦାଣ୍ଡିସାହି ହାଇସ୍କୁଲ ଓ କଲେଜ ସମ୍ମୁଖ ରାସ୍ତାରେ ବନ୍ୟା ସୁଅ ଛୁଟୁଛି। ବର୍ତ୍ତମାନ ବନ୍ୟା ବିପନ୍ନ ବିଭିନ୍ନ ଅଞ୍ଚଳରେ କୁମ୍ଭୀର ଦେଖାଯାଉଥିବା ଖବର ଜଣାପଡ଼ିବା ପରେ ଲୋକମାନଙ୍କ ମଧ୍ୟରେ ଘୋର ଆତଙ୍କ ସୃଷ୍ଟି ହୋଇଛି। ଫଳରେ ଲୋକମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। କୋଳଥିଆ ଓ ଶାସନ ସ୍କୁଲ ବନ୍ୟାଜଳରେ ବୁଡ଼ି ରହିଛି। ସୁକଳପୁର-ଗୋଲିଆକାଶ ରାସ୍ତାରେ ବନ୍ୟାଜଳ ସୁଅ ଛୁଟୁଛି। ସେହିପରି ରାଜନଗର ନିର୍ବାଚନମଣ୍ଡଳୀ ପଞ୍ଚାମୁଣ୍ଡାଇ ବ୍ଲକର ଶ୍ରୀରାମପୁର, ଡାମରପୁର, ବାଛଡ଼ା, ବଳଭଦ୍ରପୁର ଶାସନ ଆଦି ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଓ ଚାଷଜମି ଜଳମଗ୍ନ ହୋଇପଡ଼ିଛି। ବନ୍ୟା ବିପନ୍ନ ବିଭିନ୍ନ ପଞ୍ଚାୟତର ରାସ୍ତାଗୁଡ଼ିକ ବୁଡ଼ି ଯାଇଥିବାରୁ ଯାତାୟାତ କ୍ଷେତ୍ରରେ ଅସୁବିଧା ସୃଷ୍ଟି ହୋଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ବନ୍ୟା ବିପନ୍ନ ଲୋକମାନଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବା ସହ ବନ୍ୟା ମୁକାବିଲାରେ ଜିଲା ପ୍ରଶାସନ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ପଞ୍ଚାମୁଣ୍ଡାଇ ବ୍ଲକର ମାଳିପୁର ରାସ୍ତା ବୁଡ଼ି ଯାଇଥିବାରୁ ଶ୍ରୀରାମପୁର, ଡାମରପୁର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। ସେହିପରି ପଞ୍ଚାମୁଣ୍ଡାଇ ପୌରାଞ୍ଚଳର ତନୁପୁର ରାସ୍ତା ବୁଡ଼ିଯାଇଥିବାରୁ ବାଲିପାଟଣା, ଖଡ଼ିପାଳ ତନୁପୁର, ନନ୍ଦିନଗରର ଜଳବନ୍ଦୀ ହୋଇପଡ଼ିଛନ୍ତି। ପଞ୍ଚାମୁଣ୍ଡାଇ ବ୍ଲକର ବାଛଡ଼ା ପଞ୍ଚାୟତ ମଣ୍ଡପଡ଼ା ବାଛଡ଼ା ରାସ୍ତା ବୁଡ଼ି ଯାଇଥିବାରୁ ବାଛଡ଼ା ମଣ୍ଡପଡ଼ା ଲୋକମାନଙ୍କ ଜରୁରୀ କାର୍ଯ୍ୟରେ ବାଧା ଉପୁଜୁଛି। ପଞ୍ଚାମୁଣ୍ଡାଇ ପୌରାଞ୍ଚଳର ବାଲିପଡ଼ା, ଚକବାଲିପଡ଼ା, ବଳଦେବନଗର, ସିଦ୍ଧପାଟଣା, କଣ୍ଟଶୁଣ୍ଡା, ନୂଆଗାଁ, କାଙ୍କୁଡ଼ିପାଳ, ତନୁପୁର, ନନ୍ଦିନଗର, ଶଙ୍ଖପାଳ, ଅଲକା ଆଦି ବିଭିନ୍ନ ଗ୍ରାମ ଓ ୧୧ଟି ୱାର୍ଡ ଜଳମଗ୍ନ ହୋଇପଡ଼ିବା ସହିତ ବହୁ ଏକର ଚାଷଜମି ମଧ୍ୟ ବୁଡ଼ି ରହିଛି। ବନ୍ୟା ପାଣିରେ ବୁଡ଼ି ରହି ଗୁଆ ହୋଇଥିବା ଧାନ ଚଳି ପନିପରିବା ସମେତ ବିଭିନ୍ନ ଫସଲ ନଷ୍ଟ ହୋଇଛି। ବନ୍ୟାସ୍ଥିତି ଗମ୍ଭୀର ହୋଇଥିବାରୁ ପୂର୍ବରେ ନଦୀବନ୍ଧ କ୍ଷତିଗ୍ରସ୍ତ ହୋଇ ରାଜ ସୃଷ୍ଟି ହେବା ଆଶଙ୍କା ଥିବାରୁ ଲୋକମାନେ ଦିବାରାତ୍ର ସଜାଗ ହୋଇ ରହିଛନ୍ତି। ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ ପ୍ରମୁଖ ପୂର୍ବଳ ନଦୀବନ୍ଧଗୁଡ଼ିକ ପରିଦର୍ଶନ କରି ବିଭାଗୀୟ କର୍ମଚାରୀ ସହାୟତାରେ ବାଲିବସ୍ତା ପକାଇ ପରିସ୍ଥିତି ପ୍ରତି ସତର୍କ ଦୃଷ୍ଟି ରଖିଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶରେ ବ୍ଲକ ଓ ପୌର ପ୍ରଶାସନ ବନ୍ୟା ମୁକାବିଲା ପାଇଁ ସଜାଗ ହୋଇପଡ଼ିଛନ୍ତି।



ପଞ୍ଚାମୁଣ୍ଡାଇରେ ବନ୍ୟା ପାଣି ରାସ୍ତାରେ ସୁଅ ଛୁଟୁଛି।


**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ଶ୍ରୀ ଅନୁପମ ଦାସ, ପିତା: ... ନିଜର ଲାଇସେନ୍ସ ... ହଜି ଯାଇଅଛି। ... କେହି ପାଇଥିଲେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।
ଅଧିକୃତ ସ୍ୱାକ୍ଷରକର୍ତ୍ତା
ଲୁକାସ ଇଣ୍ଡିଆନ ସର୍ଭିସ ଲିମିଟେଡ



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR, AT: CHATRAPUR**
E-mail: eephchpr@gmail.com
**NATIONAL COMPETITIVE BIDDING THROUGH e-Procurement**
**Invitation for Bids (IFB)**
No. C-966

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Period of Completion | Availability of Bid Document for Online Bidding From | To | Name & address of Office Inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Diversion of 200mm dia clear water rising main pipe line across railway track for filling ESR at Rikapalli with ancillary works, Chatrapur under State Plan - "BASUDHA" 2024-25 | Identification No. 20/03/SPH(C)/ 2025-26 Dt.22.08.2025 | 66.80 | 3 (Three) Calendar Months | 11.00 Hrs. of 01.09.2025 | 17.30 Hrs. of 16.09.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on Dt.17.09.2025 at 01.00 P.M.
Further dtails can be seen from the e-procurement portal **https://www.tenderorissa.gov.in.**
OIPR-13013/11/0020/2526 Sd./- Additional Chief Engineer (PH), P.H. Division, Bhanjanagar at Chatrapur



**Government of Odisha**
**Higher Education Department**
**Timeline for Phase-II e-Admission into P.G. Courses under SAMS in the Higher Education Institutions for the Academic Session 2025-26**

No. N-155: The timeline for Phase-II Admission into P.G. Courses for the session 2025-26 in the state Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website **www.samsodisha.gov.in**. Kindly refer the Common Prospectus (CP)/Guidelines available in the SAMS portal to know about the activities.

| Sl # | Activities | Timeline |
|---|---|---|
| 1 | Availability of online Common Application Form (CAF) in the Student login for providing fresh options on the website **www.samsodisha.gov.in** | 23 Aug 2025 (02.00 P.M.) |
| 2 | Last date for applying online Common Application Form (CAF) through **www.samsodisha.gov.in** | 03 Sept. 2025 (upto 11.45 P.M.) |
